# ସବୁ ମନୋରଥର୍ ସମୟ



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଡିସେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

## ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

## ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

## ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**A Time for Every Purpose (Odia)**

# ସବୁ ମନୋରଥର ସମୟ

# ସୂଚୀପତ୍ର


| | | |
|---|---|---|
| ୧. | ଈଶ୍ୱରଙ୍କ ଦୃଷ୍ଟିରେ ସମୟ | ୧ |
| ୨. | ସମୟକୁ ଜାଣିବା ଓ ସମୟୋଚିତ କାର୍ଯ୍ୟକରିବା | ୭ |
| ୩. | ସମୟ ଓ କାଳକୁ ବୁଝିବା | ୧୫ |
| ୪. | ପରିଣାମଦର୍ଶୀ ହୋଇ ଜୀବନକୁ ଶୃଙ୍ଖଳିତ କରିବା | ୨୫ |
| ୫. | ସମୟର ପୁନଃସ୍ଥାପନ | ୩୨ |

# ୧

# ଈଶ୍ୱରଙ୍କ ଦୃଷ୍ଟିରେ ସମୟ

ଉପଦେଶକ ୩:୧-୮

୧ ସବୁ ବିଷୟର କାଳ ଅଛି ଓ ଆକାଶ ତଳେ ସବୁ ମନୋରଥର ସମୟ ଅଛି;

୨ ଜନ୍ମିବାର ସମୟ ଓ ମରିବାର ସମୟ; ରୋପିବାର ସମୟ ଓ ଯାହା ରୋପିତ ହେଲା, ତାହା ଉପାଡ଼ିବାର ସମୟ;

୩ ବଧ କରିବାର ସମୟ ଓ ସୁସ୍ଥ କରିବାର ସମୟ; ଭାଙ୍ଗିବାର ସମୟ ଓ ଗାନ୍ଥିବାର ସମୟ;

୪ ରୋଦନ କରିବାର ସମୟ ଓ ହାସ୍ୟ କରିବାର ସମୟ; ବିଳାପ କରିବାର ସମୟ ଓ ନୃତ୍ୟ କରିବାର ସମୟ;

୫ ପ୍ରସ୍ତର ପକାଇବାର ସମୟ ଓ ପ୍ରସ୍ତର ସଂଗ୍ରହ କରିବାର ସମୟ; ଆଲିଙ୍ଗନ କରିବାର ସମୟ ଓ ଆଲିଙ୍ଗନରୁ ନିବୃତ୍ତ ହେବାର ସମୟ;

୬ ଅନ୍ୱେଷଣ କରିବାର ସମୟ ଓ ହଜାଇବାର ସମୟ; ରଖିବାର ସମୟ ଓ ପକାଇ ଦେବାର ସମୟ;

୭ ଚିରିବାର ସମୟ ଓ ସିଁଇବାର ସମୟ; ନୀରବ ରହିବାର ସମୟ ଓ କଥା କହିବାର ସମୟ;

୮ ପ୍ରେମ କରିବାର ସମୟ ଓ ଘୃଣା କରିବାର ସମୟ; ଯୁଦ୍ଧର ସମୟ ଓ ସନ୍ଧିର ସମୟ ଅଛି ।

ଉପଦେଶକ ୩:୧୧

ସେ ପ୍ରତ୍ୟେକ ବିଷୟକୁ ତାହାର ସମୟରେ ଶୋଭିତ କରିଅଛନ୍ତି; ତଥାପି ପରମେଶ୍ୱର ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ କରିଅଛନ୍ତି, ମନୁଷ୍ୟ ତହିଁର ତତ୍ତ୍ୱ ପାଇ ପାରେ ନାହିଁ ।

ଦାନିୟେଲ ୨:୨୧

ଆଉ, ସେ କାଳ ଓ ଋତୁ ପରବର୍ତ୍ତନ କରନ୍ତି; ସେ ରାଜଗଣଙ୍କୁ ପଦଚ୍ୟୁତ କରନ୍ତି ଓ ରାଜଗଣଙ୍କୁ ପଦସ୍ଥ କରନ୍ତି; ସେ ଜ୍ଞାନୀମାନଙ୍କୁ ଜ୍ଞାନ ଓ ବୁଦ୍ଧିମନ୍ତମାନଙ୍କୁ ବିବେଚନା ଦିଅନ୍ତି ।

"କେତେ ସମୟ ହୋଇଛି ?" ଏହି ପ୍ରଶ୍ନ ସଙ୍ଗେ ଆମେ ସମସ୍ତେ ସୁପରିଚିତ । ଆଜିର ଦ୍ରୁତ ଦୁନିଆରେ, ଲୋକମାନେ ସୁଶୃଙ୍ଖଳ ଭାବରେ ଦୌଡ଼ିବା ପରି ମନେ ହୁଏ । ପ୍ରକୃତରେ, ଆମ ମଧ୍ୟରୁ ଅଧିକାଂଶ ଘଡ଼ିର ସମୟ ସଙ୍ଗେ ଆମର ଜୀବନକୁ ପରିଚାଳିତ କରିବାକୁ ଚାହିଁଥାଉ । ଆମ ଜୀବନ ଉପରେ ଘଡ଼ି - ସମୟର ଦୃଢ଼ ପ୍ରଭାବ ରହିଛି । ଠିକ୍ ସମୟରେ

ଠିକ୍ କାର୍ଯ୍ୟ କରିବା, ଠିକ୍ ସମୟରେ ଠିକ୍ ସ୍ଥାନରେ ପହଞ୍ଚିବା, ଠିକ୍ ସମୟରେ ଠିକ୍ କଥା କହିବା - ଏସବୁ ଆମମାନଙ୍କ ନିମନ୍ତେ ଅଧିକ ଅର୍ଥପୂର୍ଣ୍ଣ ଅଟେ । ଏହା ସାଙ୍ଗକୁ ସମୟ 'ବଞ୍ଚାଇବା' ନିମନ୍ତେ ମଧ୍ୟ ବିଭିନ୍ନ ଉପାୟ ଅବଲମ୍ବନ କରାଯାଇଥାଏ ।

ଆପଣ କ'ଣ କେବେ ଚିନ୍ତା କରିଛନ୍ତି କି ଯେ ଈଶ୍ୱରଙ୍କ ନିକଟରେ ଏକ ଘଡ଼ି ରହିଛି ଯାହା ଜଗତର ସୃଷ୍ଟିରୁ କାର୍ଯ୍ୟ କରୁଛି କିଅବା ଅନାଦିକାଳରୁ କାର୍ଯ୍ୟ କରୁଛି, ଅର୍ଥାତ୍ ଏକ ଅଜ୍ଞାତ ସମୟରୁ କାର୍ଯ୍ୟ କରି ଆସୁଛି ? ଆପଣ କ'ଣ ଜାଣନ୍ତି ଯେ ଆମ ପ୍ରତ୍ୟେକଙ୍କ ଜୀବନ ନିମନ୍ତେ ସେ ଗୋଟିଏ ଲେଖାଏଁ ଘଡ଼ି ବ୍ୟବହାର କରନ୍ତି ? କେବଳ ଆପଣଙ୍କ ହାତ ଘଡ଼ି ବା କାନ୍ଥ ଘଡ଼ି ଅନୁସାରେ ନିଜକୁ ପରିଚାଳିତ ନ କରି ଈଶ୍ୱରଙ୍କ ଘଡ଼ି ଅନୁସାରେ ନିଜକୁ ଶୃଙ୍ଖଳିତ କରିବା ବିଷୟରେ ଆପଣ କେବେ ଚେଷ୍ଟା କରିଛନ୍ତି ବା ଇଚ୍ଛା ପ୍ରକାଶ କରିଛନ୍ତି କି ? ଈଶ୍ୱରଙ୍କର ସମୟ ଅନୁସାରେ କାର୍ଯ୍ୟ କରିବା ବା ଯେ କୌଣସି ସମୟରେ ତାଙ୍କର ଅଭିମତ ଅନୁସାରେ କାର୍ଯ୍ୟ କରିବା ଆପଣଙ୍କ ଜୀବନ ନିମନ୍ତେ କେତେ ଗୁରୁତ୍ୱପୂର୍ଣ୍ଣ ? ଏବଂ, ଏକ ନିରୂପିତ ସମୟରେ ସେ ଯେପରି ଚାହାନ୍ତି ସେପରି ଜଣେ ବ୍ୟକ୍ତି ହେବା ଆପଣଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ?

ଏସମସ୍ତ ଆହ୍ୱାନକାରୀ ପ୍ରଶ୍ନ ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଈଶ୍ୱରଙ୍କ ଘଡ଼ି ଅନୁସାରେ ଆମମାନଙ୍କ ଜୀବନକୁ ଶୃଙ୍ଖଳିତ କରିବା ବିଷୟ ଆମେ ଶିଖିବା ଓ ତଦନୁସାରେ ନିଜକୁ ସଜାଡ଼ିବା ଆବଶ୍ୟକ । ଏହି ପୁସ୍ତକ ସାହାଯ୍ୟ କରିବ କିପରି ଆମେ ବ୍ୟକ୍ତିଗତ ଭାବରେ ଆମମାନଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ସମୟକୁ ଜାଣିବା ଓ ବୁଝିପାରିବା ।

## ଈଶ୍ୱରଙ୍କ ଘଡ଼ି

**ପ୍ରେରିତ ୧ :୬,୭**
**୬ ଅତଏବ, ସେମାନେ ଏକତ୍ର ହୋଇ ତାହାଙ୍କୁ ପଚାରିବାକୁ ଲାଗିଲେ, ହେ ପ୍ରଭୁ, ଆପଣ କଅଣ ଏହି ସମୟରେ ଇସ୍ରାଏଲ ହସ୍ତରେ ପୁନର୍ବାର ରାଜ୍ୟଭାର ସମର୍ପଣ କରୁ ଅଛନ୍ତି ?**
**୭ ସେ ସେମାନଙ୍କୁ କହିଲେ, ଯେସମସ୍ତ କାଳ କି ସମୟ ପିତା ସ୍ୱକର୍ତ୍ତୃତ୍ୱର ଅଧୀନରେ ରଖିଅଛନ୍ତି, ତାହା ତୁମ୍ଭମାନଙ୍କର ଜାଣିବା ବିଷୟ ନୁହେଁ ।**

ଈଶ୍ୱରଙ୍କର ଏକ ସମୟ ସାରଣୀ, ଏକ ନିର୍ଦ୍ଦିଷ୍ଟ କ୍ରମ ଓ ସମୟ ରହିଛି ଏବଂ ତଦନୁସାରେ ସେ ଯୋଜନାବଦ୍ଧ ଭାବରେ ଘଟଣାଗୁଡ଼ିକକୁ ପ୍ରଘଟ କରିଥାନ୍ତି । ସେ ତାଙ୍କର ସମୟ ଅନୁକ୍ରମେ କାର୍ଯ୍ୟ କରିଥାନ୍ତି । ସେ କହନ୍ତି ଓ ଉପଯୁକ୍ତ ସମୟରେ ତାଙ୍କର ବାକ୍ୟକୁ

ସଫଳ କରିଥାନ୍ତି । ଈଶ୍ୱର ଯାହା କହନ୍ତି ସେସବୁ "ବାକ୍ୟ ଯଥା ସମୟରେ ସଫଳ ହେବ" (ଲୂକ ୧:୨୦) । ଈଶ୍ୱର ଅନେକ ବିଷୟ କହିଛନ୍ତି ଯାହା "ଶେଷକାଳ ପର୍ଯ୍ୟନ୍ତ ବନ୍ଦ ଓ ମୁଦ୍ରାଙ୍କିତ ହୋଇଅଛି" (ଦାନିୟେଲ ୧୨:୯) । ଈଶ୍ୱରଙ୍କର 'ଘଡ଼ି'ରେ "କାଳର ସମ୍ପୂର୍ଣ୍ଣତା" ବା "ଉପଯୁକ୍ତ ସମୟ" ରହିଥାଏ । ଏହାର ଅର୍ଥ ସବୁଠୁ ବେଶୀ ସମୁଚିତ, ଯଥାର୍ଥ ଓ ସୁବିଧା ସମୟକୁ ବୁଝାଏ, ପରିପକ୍ୱ ଓ ଅନୁକୂଳ ସମୟକୁ ବୁଝାଏ । ଉଦାହରଣ ସ୍ୱରପ, ଏଦନ ଉଦ୍ୟାନର ପ୍ରତିଜ୍ଞାରେ (ଆଦିପୁସ୍ତକ ୩ ପର୍ବ) ଉଦ୍ଧାରକର୍ତ୍ତାଙ୍କ ଆଗମନ ବିଷୟରେ କୁହାଯାଇଥିଲେ ସୁଦ୍ଧା କେତେ ହଜାର ବର୍ଷ ପରେ ଯୀଶୁ ଜଗତରେ ଅବତୀର୍ଣ୍ଣ ହୋଇଥିଲେ । ଏତେ ବିଳମ୍ବ କାହିଁକି ହୋଇଥିଲା ? ଏହାର ଉତ୍ତର ବାଇବଲରେ ରହିଛି- "କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ" (ଗାଲାତୀୟ ୪:୪) । ସମ୍ପୂର୍ଣ୍ଣରୂପେ ଉପଯୁକ୍ତ ସମୟରେ, ଇତିହାସର ସନ୍ଧିକ୍ଷଣରେ, ପ୍ରଭୁ ଯୀଶୁ ଜଗତରେ ଅବତୀର୍ଣ୍ଣ ହୋଇଥିଲେ । ଈଶ୍ୱରଙ୍କର ଅନନ୍ତ ଉଦ୍ଦେଶ୍ୟ ମଧ୍ୟ ସେହିପରି ସାଧିତ ହେବ । "ପୂର୍ବରୁ ସଙ୍କଳ୍ପ କରିଥିବା ଆପଣା ମଙ୍ଗଳମୟ ଇଚ୍ଛାନୁସାରେ ସେ ଆମ୍ଭମାନଙ୍କୁ ଆପଣା ଇଚ୍ଛାର ନିଗୂଢ଼ତତ୍ତ୍ୱ ଜ୍ଞାତ କରାଇଅଛନ୍ତି, ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକୀଭୂତ କରିବେ ।"(ଏଫିସୀୟ ୧:୯,୧୦) "ଯେଉଁଦିନ ଈଶ୍ୱର ଧାର୍ମିକତାରେ ଜଗତର ବିଚାର କରିବେ, ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି" (ପ୍ରେରିତ ୧୭:୩୧) ।

ତେଣୁ, ଆମେ ଦେଖୁ ଯେ ଈଶ୍ୱରଙ୍କର ଏକ ସମୟ ନିର୍ଘଣ୍ଟ ରହିଛି ଏବଂ ତଦନୁସାରେ ସେ ବିଭିନ୍ନ ଘଟଣାବଳୀର ପ୍ରବାହରେ ହସ୍ତକ୍ଷେପ କରନ୍ତି ଓ ତାଙ୍କର ପୂର୍ବନିରୂପିତ ସାର୍ବଭୌମ ଇଚ୍ଛା ଅନୁସାରେ କାର୍ଯ୍ୟ ସାଧନ କରନ୍ତି । ସ୍ୱର୍ଗାରୋହଣ ପୂର୍ବରୁ ଶିଷ୍ୟମାନେ ପ୍ରଭୁଙ୍କୁ ପଚାରିଥିଲେ କେବେ ଇଶ୍ରାଏଲ ହସ୍ତରେ ପୁନର୍ବାର ରାଜ୍ୟଭାର ଅର୍ପଣ କରାଯିବ, ଯଦ୍ଦ୍ୱାରା ସେମାନେ ରୋମୀୟ ସାମ୍ରାଜ୍ୟର କର୍ତ୍ତୃତ୍ୱରୁ ମୁକ୍ତ ହେବେ (ପ୍ରେରିତ ୧:୬,୭) । ପ୍ରଭୁଙ୍କ ଉତ୍ତର ଶିକ୍ଷା ଦିଏ ଯେ ପିତା ଈଶ୍ୱର ସ୍ୱକର୍ତ୍ତୃତ୍ୱ ଅଧୀନରେ କାଳ ଓ ସମୟ ରଖିଛନ୍ତି । ଯୀଶୁ ଏଠାରେ ଗ୍ରୀକ୍ ଶବ୍ଦ Chronos ଓ Kairos ବ୍ୟବହାର କରିଛନ୍ତି । Chronosର ଅର୍ଥ ସମୟ ବ୍ୟବଧାନ, ବା ସମୟ ଅବଧି । Kairosର ଅର୍ଥ ସମୟର ଗୁଣବତ୍ତା ବା କିସମ । Chronos ସମୟର ପରିମାଣ ଓ ସମୟର ଦୈର୍ଘ୍ୟ ବା ଅବଧିକୁ ବୁଝାଇଥାଏ । ବିଶେଷ ଘଟଣାସମସ୍ତ, ଉପଯୁକ୍ତ ସମୟସବୁ, ସଙ୍କଟମୟ ଘଟଣାବଳୀ ଓ ସମୟର ପରିବର୍ତ୍ତନସବୁକୁ

ବୁଝାଇବା ପାଇଁ Kairos ଶବ୍ଦ ବ୍ୟବହୃତ ହୋଇଥାଏ । କୌଣସି ଘଟଣାର ବର୍ତ୍ତମାନର "ସମୟର ପୂର୍ଣ୍ଣତା" ବା "କାଳ ସମ୍ପୂର୍ଣ୍ଣ" ହେବାକୁ ଏହା ବୁଝାଇଥାଏ ।

ଅନେକ ସମୟ ଓ କାଳକୁ ପିତା ଈଶ୍ୱର ଗୁପ୍ତ ରଖିଛନ୍ତି ଯାହା "ତାହାଙ୍କ ପରାକ୍ରମ"ର ଅଧୀନ । ବାଇବଲ ଆମକୁ ଶିକ୍ଷା ଦିଏ ଯେ "ଗୁପ୍ତ ବିଷୟସବୁ ସଦାପ୍ରଭୁ ଆମମାନଙ୍କ ପରମେଶ୍ୱରଙ୍କ ଅଧିକାର, ମାତ୍ର ପ୍ରକାଶିତ ବିଷୟସବୁ ଯୁଗାନୁକ୍ରମେ ଆମ୍ଭମାନଙ୍କର ଓ ଆମ୍ଭମାନଙ୍କର ସନ୍ତାନଗଣର ଅଧିକାର" (ଦ୍ୱି.ବିବରଣ ୨୯ : ୨୯) । ଦ୍ୱିତୀୟ ଆଗମନ ଓ ଯୁଗାନ୍ତ ସମୟ ବିଷୟରେ ଯୀଶୁ କହନ୍ତି, "କିନ୍ତୁ ସେହି ଦିନ କି ଦଣ୍ଡ ବିଷୟ କେହି ଜାଣନ୍ତି ନାହିଁ, ସ୍ୱର୍ଗସ୍ଥ ଦୂତମାନେ କିମ୍ବା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ, କେବଳ ପିତା ଜାଣନ୍ତି । ତୁମ୍ଭେମାନେ ସାବଧାନ ହୋଇଥାଅ, ଜାଗି ରୁହ; କାରଣ ସେସମୟ କେବେ ହେବ, ତାହା ତୁମ୍ଭେମାନେ ଜାଣ ନାହିଁ ।" (ମାର୍କ ୧୩:୩୨,୩୩) । ଏହାର ଅର୍ଥ ନୁହେଁ ଯେ ଈଶ୍ୱର ପ୍ରକାଶ କରିବାକୁ ଚାହୁଁଥିବା ସମୟର ଅବଧି ଓ ସମୟର ପୂର୍ଣ୍ଣତାକୁ ଆମେ ଜାଣିପାରିବା ନାହିଁ ଯଦି ଈଶ୍ୱର ତାହା ପ୍ରକାଶ କରିବାକୁ ଚାହାନ୍ତି । ଧର୍ମଶାସ୍ତ୍ରରେ ଆମେ ଦେଖୁ ଯେ, ଈଶ୍ୱର ଚାହାନ୍ତି, ତାଙ୍କର ଲୋକମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବରେ ସେମାନେ ଯେଉଁ ସମୟ ଓ କାଳରେ ବାସ କରୁଛନ୍ତି ତାହା ଜାଣନ୍ତୁ । ସେ ଚାହାନ୍ତି ତାଙ୍କ ଲୋକମାନେ ତାଙ୍କ ଘଡ଼ିର ସମୟକୁ ଜାଣନ୍ତୁ ।

### ବାଇବଲରେ 'ସମୟ'

ସମୟ ସମ୍ପର୍କିତ ବାଇବଲର ଦୃଷ୍ଟିକୋଣ ସମ୍ପର୍କରେ Simon J. Devries କହନ୍ତି, "ଏବ୍ରୀୟମାନେ ଆଶା କରୁଥିଲେ ଯେ ପ୍ରତ୍ୟେକ ନୂତନ ଦିବସ ବିଗତ ଦିନଗୁଡ଼ିକରୁ ଗୁଣବତ୍ତା ଦୃଷ୍ଟିରୁ ଭିନ୍ନ ହେବା ଉଚିତ । ହୁଏତ ତାହା ଏକ ଅନନ୍ୟ, ପୁନରାବୃତ୍ତି ହୋଇ ନ ଥିବା ଏକ ଘଟଣା ପ୍ରକାଶ କରିବ ଯହିଁରେ ଈଶ୍ୱର ଆପଣାକୁ ବିଶେଷ ଓ ସିଦ୍ଧାନ୍ତମୂଳକ ଭାବରେ ପ୍ରକାଶ କରିବେ । ତେଣୁକରି କୌଣସି ଏକ ଉଲ୍ଲେଖଯୋଗ୍ୟ ଘଟଣାକୁ ଲକ୍ଷ୍ୟ କରି ବାଇବଲରେ ସେହି ଦିନଗୁଡ଼ିକ ବିଷୟରେ କୁହାଯାଇଥାଏ । ବାଇବଲର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଈଶ୍ୱର ସେମାନଙ୍କୁ ଯେ କୌଣସିଠାରେ ଓ ଯେ କୌଣସି ସମୟରେ ଭେଟି ପାରନ୍ତି । ସମସ୍ତ ସ୍ଥାନରେ ଓ ସମସ୍ତ ଇତିହାସରେ ଈଶ୍ୱର କର୍ତ୍ତୃତ୍ୱ କରି ଆସିଛନ୍ତି । ତେଣୁକରି ବାଇବଲର ଏକ ଉଦ୍ଦେଶ୍ୟ ଓ ଏକ କ୍ରମ, ଏକ ଲକ୍ଷ୍ୟ, ଏକ ପ୍ରକ୍ରିୟା, ଏକ ଭାଗ୍ୟ ରହିଛି" ।

ବାଇବଲର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା ସମୟ । ତେଣୁ ଏଠାରେ ବିଭିନ୍ନ ପ୍ରକାର ସମୟ-ବିଭିନ୍ନ ସମୟର ସମ୍ପୂର୍ଣ୍ଣତା ବିଷୟରେ କୁହାଯାଏ । ଗୀତସଂହିତାରେ ବିଭିନ୍ନ ସମୟର ଉଲ୍ଲେଖ ରହିଛି, ଯେପରି- ଈଶ୍ୱରଙ୍କ ଉଦ୍ଦେଶ ପାଇ ପାରିବା ସମୟ (ଗୀତସଂହିତା ୩୨:୬), ମନ୍ଦ ସମୟ (ଗୀତସଂହିତା ୩୭:୧୮,୧୯), କ୍ଳେଶର ସମୟ (ଗୀତସଂହିତା ୪୪:୧), ଗ୍ରାହ୍ୟ ସମୟ (ଗୀତସଂହିତା ୬୯:୧୩; ୨କରିନ୍ଥୀୟ ୬:୨) । ନୂତନ ନିୟମରେ ଆମେ ଶିକ୍ଷା କରୁ ଯେ ଜାତିଗଣର ଉତ୍‌ଥାନ ଓ ପତନ ଏବଂ ସେମାନଙ୍କର ନିବାସର ସୀମା ସ୍ଥିର କରିବା ନିମନ୍ତେ ଈଶ୍ୱର ନିର୍ଦ୍ଦିଷ୍ଟ କାଳ ନିରୂପଣ କରିଥାନ୍ତି (ପ୍ରେରିତ ୧୭:୨୬,୨୭) । ଆମେମାନେ ଯେଉଁ ସମୟରେ ବାସ କରୁଛୁ ତାକୁ "ଉତ୍ତର କାଳ" (୧ତୀମଥି ୪:୧) ଓ "ଶେଷ କାଳ" (୨ତୀମଥି ୩:୧) କୁହାଯାଏ । ବାଇବଲରେ ମଧ୍ୟ "କାଳ ଓ ନିର୍ଦ୍ଦିଷ୍ଟ ସମୟ" (୨ଥେସଲୀନୀକୀ ୫:୧), "ଶେଷକାଳ" (୧ପିତର ୧:୨୦), "ପୁରାକାଳରେ", "ବିଭିନ୍ନ ସମୟରେ" (ଏବ୍ରୀ ୧:୧) ଏବଂ "ପ୍ରୟୋଜନ ସମୟରେ" (ଏବ୍ରୀ ୪:୧୬) ପରି ବାକ୍ୟାଂଶ ବ୍ୟବହୃତ ହୋଇଛି । ଏକ ସଫଳ ଖ୍ରୀଷ୍ଟୀୟ ଆଚରଣ ନିମନ୍ତେ ସମୟ ସମ୍ପର୍କିତ ବାଇବଲର ଦୃଷ୍ଟିକୋଣକୁ ବୁଝିବା ନିହାତି ଆବଶ୍ୟକ ।

## ଉପଯୁକ୍ତ ସମୟକୁ ବୁଝିବା

Kairos ର ଅର୍ଥ ସ୍ଥିରୀକୃତ ସମୟ, ଅନୁକୂଳ ସମୟ ବା ଠିକ୍ ସମୟ । ସାଧାରଣରେ କହିବାକୁ ଗଲେ, ଏହା କେତେକ କ୍ୟାଲେଣ୍ଡର ବର୍ଷକୁ ବୁଝାଇ ନ ଥାଏ । ଈଶ୍ୱର ଯଦି ଏକ ନିର୍ଦ୍ଦିଷ୍ଟ ସମୟ ଅବଧି କଥା କହିନାହାନ୍ତି, ତେବେ ଏହି ଉପଯୁକ୍ତ ସମୟ (Kairos) କେତେକ ସର୍ତ୍ତ ଉପରେ ଆଧାରିତ, ଯେପରି- ପରିସ୍ଥିତି, ଅବସ୍ଥା, ଲୋକ, ବିଭିନ୍ନ ବିଷୟ, ଇତ୍ୟାଦି । ଏ ସମସ୍ତ ମିଶି ଏକ ଯଥାର୍ଥ ସମୟ ସୃଷ୍ଟି ହୋଇଥାଏ ଓ ଈଶ୍ୱରଙ୍କ ବାକ୍ୟ ସଫଳ ହୋଇଥାଏ ।

ଉଦାହରଣ ସ୍ୱରୂପ, ଉପଯୁକ୍ତ ସମୟରେ ହିଁ ବ୍ୟକ୍ତିଗତ ଭାବବାଣୀ ସଫଳ ହୋଇଥାଏ । ଯଦି ଜଣେ ବ୍ୟକ୍ତି ଏକ ଭାବବାଣୀ ପ୍ରାପ୍ତ ହୁଏ ଯେ ସେ ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ, ତେବେ ତାହା ରାତାରାତି ସଫଳ ବୋଲି କହିବା ଠିକ୍ ନୁହେଁ । ସେହି ବ୍ୟକ୍ତିର ଜୀବନରେ ଈଶ୍ୱରଙ୍କର କେତୋଟି ସର୍ତ୍ତ ସଫଳ ହେଉଥିବା ଆବଶ୍ୟକ, ତା' ହେଲେ ସେହି ଭାବବାଣୀ ସଫଳ ହେବ । ଯଦି ଭାବବାଣୀ ପାଇଥିବା ବ୍ୟକ୍ତି ଜଣକ ଯୁବକ ହୋଇଥାଏ, ତେବେ ଈଶ୍ୱର ଆଶା କରିପାରନ୍ତି ଯେ ସେ ତାଲିମ୍ ପାଇ କିଛି ବର୍ଷ କାର୍ଯ୍ୟ

କରୁ ଓ ତା' ପରେ ତା'ର ବ୍ୟବସାୟ ଆରମ୍ଭ କରୁ। ଯୁବକ ଜଣକ ବ୍ୟବସାୟ ଆରମ୍ଭ କରିବାର ଅନେକ ବର୍ଷ ପରେ ଗୋଟିଏ ବଡ଼ ଯୋଜନା ସମ୍ପର୍କରେ ଚିନ୍ତା କରିପାରେ ଯାହା ତାକୁ ପରବର୍ତ୍ତୀ ସମୟରେ ଅତ୍ୟନ୍ତ ସଫଳ ବ୍ୟବସାୟୀ କରିଥାଏ। ନିଶ୍ଚିତରୂପେ ଭାବବାଣୀ ସର୍ବଦା ସତ୍ୟ ଥିଲା, ତେବେ ବିଭିନ୍ନ ସର୍ତ୍ତପୂରଣ ହେବା ପରେ ଉପଯୁକ୍ତ ସମୟ ଉପସ୍ଥିତ ହେଲା।

ଈଶ୍ୱର ଚାହାନ୍ତି, ତାଙ୍କର ଲୋକମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବରେ, ସେମାନେ ଯେଉଁ ସମୟ ଓ କାଳରେ ବାସ କରୁଛନ୍ତି ତାହା ଜାଣନ୍ତୁ। ସେ ଚାହାନ୍ତି ତାଙ୍କ ଲୋକମାନେ ତାଙ୍କ ଘଡ଼ିର ସମୟକୁ ଜାଣନ୍ତୁ।

# ୨

# ସମୟକୁ ଜାଣିବା ଓ ସମୟୋଚିତ କାର୍ଯ୍ୟ କରିବା

**ଏଫିସୀୟ ୫:୧୫-୧୭**
**୧୫ ଅତଏବ ଅଜ୍ଞାନ ପରି ନ ହୋଇ ଜ୍ଞାନୀ ପରି ନିଜ ନିଜ ଆଚରଣ ସମ୍ବନ୍ଧରେ ବିଶେଷ ସାବଧାନ ହୁଅ,**
**୧୬ ପୁଣି, ସୁଯୋଗର ସଦ୍‌ବ୍ୟବହାର କର, କାରଣ କାଳ ମନ୍ଦ ଅଟେ ।**
**୧୭ ଏଣୁ ନିର୍ବୋଧ ନ ହୋଇ ପ୍ରଭୁଙ୍କର ଇଚ୍ଛା କଅଣ ତାହା ବୁଝ ।**

**କଲସୀୟ ୪:୫**
**ସୁଯୋଗର ସଦ୍‌ବ୍ୟବହାର କରି ବାହାରର ଲୋକମାନଙ୍କ ନିକଟରେ ବୁଦ୍ଧି ସହ ଆଚରଣ କର ।**

ସୁଯୋଗର ସଦ୍‌ବ୍ୟବହାର କରିବାକୁ ଧର୍ମଶାସ୍ତ୍ରରେ ଆମକୁ କୁହାଯାଏ। ଏହାର ଅର୍ଥ ଆମ ଜୀବନର ଉପଯୁକ୍ତ ସମୟକୁ ବୁଝି ତା'ର ଫାଇଦା ଉଠାଇବା ପାଇଁ ସମର୍ଥ ହେବା। ଉପରୋକ୍ତ ଶାସ୍ତ୍ରାଂଶର ସନ୍ଦର୍ଭ ଦୃଷ୍ଟିରୁ ଏହା ସମ୍ଭବ ଯଦି ଆମେ ଜ୍ଞାନରେ ଓ ସାବଧାନତା ସହକାରେ ଆଚରଣ କରିବା ଏବଂ ପ୍ରଭୁଙ୍କର ଇଚ୍ଛା କ'ଣ ବୁଝିବା। ଅନ୍ୟ ପ୍ରକାରେ କହିଲେ, ଆମ ଜୀବନର ଉପଯୁକ୍ତ ସମୟକୁ ଧରିନେବାର ସାମର୍ଥ୍ୟ, ବା ଠିକଣା ସମୟରେ ଠିକ୍ କାର୍ଯ୍ୟ କରିବା ବିଷୟ ଆମର ବ୍ୟକ୍ତିଗତ ଜୀବନରେ ଈଶ୍ୱରଙ୍କ ଇଚ୍ଛା ବୁଝିବା ଉପରେ ନିର୍ଭର କରେ। ଈଶ୍ୱର ଆମର ବ୍ୟକ୍ତିଗତ ଜୀବନ ନିମନ୍ତେ ଅନେକ ସମୟ ଅବଧି ଓ ଉପଯୁକ୍ତ ସମୟ ନିରୂପଣ କରିଥାନ୍ତି। ଆମେ ପ୍ରତ୍ୟେକେ ଆମ ଆୟୁ ସମୟର ଦୀର୍ଘତାକୁ ନେଇ ବଞ୍ଚିଥାଉ। ଈଶ୍ୱର ତା'ଙ୍କ ଲୋକମାନଙ୍କୁ ପ୍ରତିଜ୍ଞା ଦେଇଥିଲେ, "ଆମ୍ଭେ ତୁମ୍ଭ ଆୟୁର ପରିମାଣ ପୂର୍ଣ୍ଣ କରିବା" (ଯାତ୍ରାପୁସ୍ତକ ୨୩:୨୬)। ଈଶ୍ୱରଙ୍କର ସାଧାରଣ ଇଚ୍ଛା ପ୍ରକାଶ କରେ ଯେ "ଆମ୍ଭମାନଙ୍କ ଆୟୁର ପରମାଣ ସତୁରି ବର୍ଷ, ଅବା ବଳ ସକାଶୁ ଅଶୀ ବର୍ଷ ହୁଏ" (ଗୀତସଂହିତା ୯୦:୧୦)। ଈଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ସେ ଆମକୁ "ଦୀର୍ଘାୟୁ ଦେଇ" ତୃପ୍ତ କରିବେ (ଗୀତସଂହିତା ୯୧:୧୬)। ସାଧାରଣତଃ, ଜଣେ ଈଶ୍ୱରଙ୍କ ସନ୍ତାନ ସୁଯୋଗ ପାଇଥାଏ ଯେ ସେ "ଖଳାକୁ ଅଣାଯିବା ପରିପକ୍ୱ ଶସ୍ୟ ପରି ପୂର୍ଣ୍ଣାୟୁ ହୋଇ ସମାଧି ପାଇବ" (ଆୟୁବ ୫:୨୬)। ଅତି ନିର୍ଦ୍ଦିଷ୍ଟ ଭାବରେ କହିଲେ,

ଆମର ବ୍ୟକ୍ତିଗତ ଜୀବନ ନିମନ୍ତେ ଈଶ୍ୱରଙ୍କର ସମୟ ଓ କାଳ ରହିଛି। ଏହିସବୁ ନିର୍ଦ୍ଦିଷ୍ଟ ସମୟ ଓ କାଳକୁ ବା ଆମ ଜୀବନର ଉପଯୁକ୍ତ ସମୟସବୁକୁ ଆମେ ବୁଝିବା ଓ ସେସବୁର ସଦ୍‌ବ୍ୟବହାର କରିବା ଆବଶ୍ୟକ। ଆମେ ସୁଯୋଗକୁ ନ ଛାଡ଼ି ଧରି ରଖିବାକୁ ହେବ।

ବର୍ତ୍ତମାନ ଆପଣଙ୍କ ଜୀବନର ଉପଯୁକ୍ତ ସମୟ କ'ଣ? ଆପଣଙ୍କ ଜୀବନର କେଉଁ କାଳରେ ଏବେ ଆପଣ ରହିଛନ୍ତି? ଏହା କ'ଣ କାର୍ଯ୍ୟ କରିବାର ସମୟ ବା ପ୍ରସ୍ତୁତିର ସମୟ? ଏହା ପଢ଼ାର ସମୟ ବା ଶିକ୍ଷା ଦେବାର ସମୟ? ଏହା କ'ଣ ଖ୍ରୀଷ୍ଟୀୟ ଜୀବନର ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ସମ୍ପର୍କରେ ଶିକ୍ଷା କରିବାର ସମୟ? ଏହା କ'ଣ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ଗଢ଼ିବାର ସମୟ? ଏହା କ'ଣ ବିଶ୍ରାମ ନେଇ ଆଗାମୀ ଦିନଗୁଡ଼ିକ ନିମନ୍ତେ ଯୋଜନା କରିବାର ସମୟ? ଏହା କ'ଣ ବିରାମ ନେଇ ଆତ୍ମିକ ଜୀବନରେ ଶୀଘ୍ର ଅଭିବୃଦ୍ଧି ଲାଭ କରିବାର ସମୟ? ଏହା କ'ଣ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଗବେଷଣା ଓ ଅଧ୍ୟୟନ କରିବାର ସମୟ? ଏହା କ'ଣ ସେବା କରିବା ବା ନେତୃତ୍ୱ ନେବାର ସମୟ? ଆମେ ଯେତେବେଳେ ଆମେ ରହିଥିବା ଜୀବନର ନିର୍ଦ୍ଦିଷ୍ଟ କାଳକୁ ବୁଝିବା, ସେତେବେଳେ ଆମେ ଆମ ସମୟର ସଦ୍‌ବ୍ୟବହାର କରି ଏହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସଫଳ କରି ପାରିବା।

ପ୍ରଭୁ ଯୀଶୁ ଥରେ ଯିରୂଶାଲମ ନଗରକୁ ଦେଖି କାନ୍ଦି ପକାଇଥିଲେ। ଯିରୂଶାଲମ ଉପରକୁ ଆସୁଥିବା ଆଗାମୀ ବିନାଶର ସମୟକୁ ଘୋଷଣା କରି ସେ କହିଲେ, "....ଯେଣୁ ତୋ' ଉପରେ କୃପାଦୃଷ୍ଟିର ସମୟକୁ ତୁ ଜାଣିଲୁ ନାହିଁ" (ଲୂକ ୧୯:୪୧-୪୪)। ଯିରୂଶାଲମ ନିମନ୍ତେ ଈଶ୍ୱର "କୃପାଦୃଷ୍ଟିର ସମୟ" ନିରୂପଣ କରିଥିଲେ ଯାହାକୁ ନଗରର ଲୋକମାନେ ଜାଣିଲେ ନାହିଁ। ମୋର ବିଶ୍ୱାସ ଆମମାନଙ୍କ ବ୍ୟକ୍ତିଗତ ଜୀବନରେ ମଧ୍ୟ ଈଶ୍ୱର ବିଶେଷ "କୃପାଦୃଷ୍ଟିର ସମୟମାନ" ରଖିଛନ୍ତି। ଏହିସବୁ ସମୟରେ ଈଶ୍ୱର ଆମମାନଙ୍କ ଜୀବନରେ, ଆମ ହୃଦୟରେ ବିଶେଷ କାର୍ଯ୍ୟ କରିଥାନ୍ତି, ଆମ ଜୀବନ ନିମନ୍ତେ ରହିଥିବା ତାଙ୍କର ଯୋଜନା ଓ ଉଦ୍ଦେଶ୍ୟସବୁକୁ ସେ ପ୍ରକାଶ କରିପାରନ୍ତି, ବା ଆମକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦେଇପାରନ୍ତି, ବା ଆମ ମଧ୍ୟରେ ଥିବା ନିର୍ଦ୍ଦିଷ୍ଟ ଦାନକୁ ପ୍ରକାଶ କରି ପାରନ୍ତି ବା ଆମକୁ ବିଶେଷ ଦାନ ପ୍ରଦାନ କରନ୍ତି। ତେବେ ଏହି କୃପାଦୃଷ୍ଟି ସମୟରେ ଯେଉଁ ଫଳାଫଳ ମିଳେ ତାହା ମୁଖ୍ୟତଃ ଆମର ଉତ୍ତର ଉପରେ ନିର୍ଭର କରେ। ଯଦି ଆମେ ଏହି କୃପାଦୃଷ୍ଟି ସମୟ ବିଷୟରେ ଅଜ୍ଞ ରହୁ ତେବେ ଈଶ୍ୱର ଆମକୁ ଛାଡ଼ି ଆଗକୁ ଚାଲିଯିବେ। ଆପଣ

କ'ଣ ଈଶ୍ୱରଙ୍କ ପ୍ରତି ଓ ବର୍ତ୍ତମାନ ସେ ଆପଣଙ୍କ ଜୀବନରେ ଯାହା ପ୍ରକାଶ କରୁଛନ୍ତି ତା' ପ୍ରତି ସମ୍ବେଦନଶୀଳ ଅଟନ୍ତି କି? ସେ ଯାହା କରୁଛନ୍ତି ତା'ର ପ୍ରତ୍ୟୁତ୍ତର ଆପଣ କିପରି ଦେଉଛନ୍ତି?

## ସମୟରେ ଓ ସୋପାନରେ

**"ପ୍ରତ୍ୟେକ ମନୋରଥ ଓ ପ୍ରତ୍ୟେକ କାର୍ଯ୍ୟ ପାଇଁ ସମୟ ଅଛି" (ଉପଦେଶକ ୩:୧୭)**

**"ପ୍ରତ୍ୟେକ ଅଭିପ୍ରାୟ ପାଇଁ ସମୟ ଓ ବିଚାର ଅଛି" (ଉପଦେଶକ ୮:୬କ)**

ଆମେ ବୁଝିବା ଆବଶ୍ୟକ ଯେ ପ୍ରତ୍ୟେକ ଉଦ୍ଦେଶ୍ୟ ନିମନ୍ତେ ଏକ ଠିକଣା ସମୟ ରହିଛି। ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆମେ କ'ଣ କରିବା ଉଚିତ ବୋଲି ଈଶ୍ୱର ଚାହାନ୍ତି ତାହା ଜାଣିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଠିକଣା ସମୟରେ ସେହି କାର୍ଯ୍ୟ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଆମେ ପ୍ରାୟଶଃ, ପ୍ରଭୁଙ୍କଠାରୁ କୌଣସି ନା କୌଣସି ଧାରଣା, ଯୋଜନା, କୌଶଳ, ବା ଦର୍ଶନ ପାଇଥାଉ, ଏବଂ ଏହା ଶୀଘ୍ର ସଫଳ ହେଉ ବୋଲି ଚାହିଁଥାଉ ବା ଆମେ ଯାଇ ଏହା ତତ୍‌କ୍ଷଣାତ୍ କରିବାକୁ ଚାହିଁଥାଉ। ମୁଁ ଶିକ୍ଷା କରିଛି ଯେ ଈଶ୍ୱରଙ୍କ ନିକଟରେ ଏକ ଯୋଜନା ଥାଏ, କିନ୍ତୁ ସେହି ଯୋଜନାକୁ ପ୍ରକାଶ ଓ ପୂରଣ କରିବା ପାଇଁ ସେ ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିଥାନ୍ତି। ତାଙ୍କର ଯୋଜନାସବୁକୁ ଓ ଉଦ୍ଦେଶ୍ୟସବୁକୁ ଜାଣିବା ସଙ୍ଗେ ସଙ୍ଗେ ସେସବୁ ସଫଳ ହେବାରେ ତାଙ୍କର ସମୟକୁ ଜାଣିବା ଆମର ଦାୟିତ୍ୱ। ଆମେ ଈଶ୍ୱରଙ୍କ ସଙ୍ଗେ ସୋପାନକ୍ରମେ ଓ ସମୟକ୍ରମେ ଚାଲିବା ଆବଶ୍ୟକ- ଆଗକୁ ନୁହେଁ, ବା ପଛକୁ ନୁହେଁ।

ରାଜା ଦାଉଦଙ୍କ ଦୁଇଟି ଘଟଣା ଏହା ସୂଚାଇଥାଏ। ଈଶ୍ୱର ନିର୍ଣ୍ଣୟ ନେଇଥିଲେ ଯେ ଦାଉଦ ଇଶ୍ରାଏଲର ରାଜା ହେବେ। ଦାଉଦ ବାଳକ ଥିବା ସମୟରେ ହିଁ ଶାମୁୟେଲ ଭାବବାଦୀ ତାଙ୍କୁ ରାଜାରୂପେ ଅଭିଷିକ୍ତ କରିଥିଲେ - ତୈଳରେ ଅଭିଷେକ କରିବାର ଅର୍ଥ ଈଶ୍ୱର ଦାଉଦଙ୍କୁ ରାଜାରୂପେ ମନୋନୀତ କରିଥିଲେ। ଦାଉଦ ଗଲିୟାତକୁ ବଧ କରି ଜଣେ ଜାତୀୟ ବୀରର ସମ୍ମାନ ପାଇଲେ, ତଥାପି ସେ ନିଜର ଜୀବନ ବଞ୍ଚାଇବା ନିମନ୍ତେ ରାଜା ଶାଉଲଙ୍କ ନିକଟରୁ ପଳାୟନ କଲେ। ବନ୍ୟଜନ୍ତୁଙ୍କ ପଛରେ ଗୋଡ଼ାଇବା ପରି ଦାଉଦଙ୍କୁ ପିଛା କରି ଶାଉଲ ଗୋଡ଼ାଇଲେ। ସେ ବାରବୁଲା ପରି ଜୀବନ ଯାପନ କରି ଗୁମ୍ଫାମାନଙ୍କରେ ଲୁଚି ରହିଲେ। ଅନେକ ବର୍ଷ ପର୍ଯ୍ୟନ୍ତ ଏପରି ଜୀବନଯାପନ କରି ମଧ୍ୟ

ଦାଉଦ ଆପଣା ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିଲେ। ଶେଷରେ ଏକ ଯୁଦ୍ଧରେ ରାଜା ଶାଉଲ ନିହତ ହେଲେ। ଏହା ଶୁଣି ଦାଉଦ ଶାଉଲ ଓ ତାଙ୍କର ପରିବାରବର୍ଗଙ୍କ ନିମନ୍ତେ ଶୋକପ୍ରକାଶ କରିଥିଲେ। ଏହା ପରେ ଦାଉଦ ପ୍ରଭୁଙ୍କୁ ପଚାରିଥିଲେ, "ମୁଁ କ'ଣ ଯିହୁଦାର କୌଣସି ଏକ ନଗରକୁ ଯିବି"? ସଦାପ୍ରଭୁ ତାଙ୍କୁ କହିଲେ, "ଯାଅ"। ପୁଣି ଦାଉଦ କହିଲେ, "ମୁଁ କେଉଁଠାକୁ ଯିବି"? ସେ କହିଲେ, "ହିବ୍ରୋଣକୁ"। ଏଣୁ ଦାଉଦ ସେସ୍ଥାନକୁ ଗଲେ। "ତହୁଁ ଯିହୁଦାର ଲୋକମାନେ ଆସି ସେହି ସ୍ଥାନରେ ଦାଉଦଙ୍କୁ ଯିହୁଦା ବଂଶ ଉପରେ ରାଜାଭିଷିକ୍ତ କଲେ"। (୨ଶାମୁୟେଲ ୨:୧-୪)।

ଠିକଣା ସମୟରେ ଠିକଣା କାର୍ଯ୍ୟ କରିବାରୁ ଦାଉଦ ଯିହୁଦାର ରାଜାରୂପେ ସ୍ୱୀକୃତ ହେଲେ। ଏହାର ଅନତି ପୂର୍ବରୁ ସେ ଇଶ୍ରାଏଲର ରାଜାରୂପେ ଜଣାଯାଇଥିଲେ। ଆମେ ଦେଖୁ ଦାଉଦ ଈଶ୍ୱରଙ୍କର ପଦକ୍ଷେପରେ ଓ ତାହାଙ୍କ ସମୟାନୁସାରେ ଚାଲିବାକୁ ଚାହୁଁଥିଲେ। ସେ ସିଂହାସନ ନିମନ୍ତେ ନିରୂପିତ ହୋଇଥିଲେ ହେଁ, ସେ ଏହାକୁ ଦଖଲ କରି ନେବାକୁ ବ୍ୟଗ୍ର ନ ଥିଲେ। ସେ ଅପେକ୍ଷା କରିଥିଲେ ଯେପରି ଈଶ୍ୱର ତାହାଙ୍କ ସମୟରେ ତାଙ୍କର ଯୋଜନାସବୁକୁ ପ୍ରକାଶ କରନ୍ତି। ଦାଉଦ ମଧ୍ୟ ଈଶ୍ୱରଙ୍କ ସଙ୍ଗେ ଥରକେ ଗୋଟିଏ ପଦକ୍ଷେପ ନେବାର ଗୁରୁତ୍ୱକୁ ଶିକ୍ଷା କରିଥିଲେ। ଏଠାରେ ଆମେ ଦେଖୁ ସେ କିପରି ହିବ୍ରୋଣ ଯିବା ନିମନ୍ତେ ଅତି ଯତ୍ନରେ ଯୋଜନା କରିଥିଲେ। କିନ୍ତୁ ଯେତେବେଳେ ସେ ଠିକଣା ସମୟରେ ଠିକଣା କାର୍ଯ୍ୟ କଲେ, ବିଷୟସବୁ ତାଙ୍କ ସପକ୍ଷରେ ଯାଇଥିଲା। ଠିକଣା ସମୟରେ ଠିକଣା କାର୍ଯ୍ୟ କରିବା ଦ୍ୱାରା ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ଯୋଜନାସବୁ ଓ ଉଦ୍ଦେଶ୍ୟସବୁକୁ ସଫଳ ହେବା ଦେଖିବାର ସ୍ଥିତିରେ ଆପଣ ରହିବେ।

ଦାଉଦଙ୍କ ଜୀବନର ଦ୍ୱିତୀୟ ଘଟଣା ଦୁର୍ଭାଗ୍ୟଜନକ ଥିଲା, କାରଣ ଦାଉଦ ଈଶ୍ୱରଙ୍କ ସହିତ ସମୟର ତାଳେ ତାଳେ ଚାଲିବାରେ ବିଫଳ ହୋଇଥିଲେ ଓ ସମୟର ଅପବ୍ୟବହାର ଯୋଗୁଁ ପରିଣାମ ଭୟଙ୍କର ହୋଇଥିଲା।

**୨ଶାମୁୟେଲ ୧୧:୧,୨**
**୧ ଅନନ୍ତର ବର୍ଷର ପରିବର୍ତ୍ତନ ସମୟରେ ରାଜାମାନେ ଯୁଦ୍ଧକୁ ଯିବା ବେଳେ ଦାଉଦ ଯୋୟାବକୁ ଓ ତାହା ସହିତ ଆପଣା ଦାସମାନଙ୍କୁ ଓ ସମୁଦାୟ ଇସ୍ରାଏଲକୁ ପଠାଇଲେ; ତହିଁରେ ସେମାନେ ଅମ୍ମୋନସନ୍ତାନମାନଙ୍କୁ ସଂହାର କରି ରବ୍ବା ନଗର ଅବରୋଧ କଲେ । ମାତ୍ର ଦାଉଦ ଯିରୂଶାଲମରେ ରହିଲେ ।**

**୨ ଅନନ୍ତର ଦିନେ ସନ୍ଧ୍ୟା ସମୟରେ ଦାଉଦ ଆପଣା ଶଯ୍ୟାରୁ ଉଠି ରାଜଗୃହର ଛାତ ଉପରେ ବୁଲୁଥିଲେ ; ପୁଣି ସେହି ଛାତ ଉପରୁ ସେ ଏକ ସ୍ତ୍ରୀକୁ ସ୍ନାନ କରୁଥିବା ଦେଖିଲେ ; ସେହି ସ୍ତ୍ରୀ ଦେଖିବାକୁ ଅତି ସୁନ୍ଦରୀ ଥିଲା ।**

ଏହା ଥିଲା ରାଜାମାନଙ୍କର ଯୁଦ୍ଧକୁ ଯିବାର ସମୟ। ହେଲେ, ରାଜା ତାଙ୍କର ଲୋକମାନଙ୍କୁ ଯୁଦ୍ଧକୁ ପଠାଇଦେଇ ସେ ନିଜେ ରାଜଗୃହରେ ରହିଲେ। ସେ ଭୁଲ ସମୟରେ ଭୁଲ ସ୍ଥାନରେ ଥିଲେ। ସେ ସୁନ୍ଦରୀ ବତ୍‌ଶେବାକୁ ଦେଖିଲେ ଓ ତାଙ୍କ ସଙ୍ଗେ ଶୟନ କଲେ। ଏହି ଘଟଣା ତାଙ୍କୁ ମନସ୍ତାପ ଓ ଦୁଃଖରେ ଭରି ଦେଇଥିଲା। ଏହି ବିଫଳତାର କାରଣ ଖୋଜିଲେ ଜଣାଯାଏ ଯେ ସେ ଯୁଦ୍ଧକ୍ଷେତ୍ରକୁ ନ ଯାଇ ଗୃହରେ ରହିବା ଅସଙ୍ଗତ ଥିଲା। ସେ ଯେଉଁ ନିଷ୍ପତ୍ତି ନେଲେ ତାହା ତାଙ୍କୁ ଭୁଲ ସମୟରେ ଭୁଲ ସ୍ଥାନରେ ରଖିଥିଲା।

ଚାରି ସୁସମାଚାରରେ ପ୍ରଭୁ ଯୀଶୁ ତାଙ୍କ ଜୀବନକୁ ଯେପରି ସୁଶୃଙ୍ଖଳିତ କରିଥିଲେ ସେଥିରୁ ଜଣାଯାଏ ଯେ ସେ ତାଙ୍କ ଜୀବନ ନିମନ୍ତେ ରହିଥିବା ପିତା ଈଶ୍ୱରଙ୍କର ସମୟ ନିର୍ଘଣ୍ଟ ପ୍ରତି ସମ୍ବେଦନଶୀଳ ଓ ପୂର୍ଣ୍ଣ ସଚେତନ ଥିଲେ। ସେ ତାଙ୍କ ସେବାକାର୍ଯ୍ୟକୁ ଆରମ୍ଭ କରିବା ପାଇଁ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ଅପେକ୍ଷା କଲେ କାରଣ ସେ ଜାଣିଥିଲେ ଯେ ତାଙ୍କର ସମୟ ସେ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ନ ଥିଲା ଅର୍ଥାତ୍ ସେବାକାର୍ଯ୍ୟ ନିମନ୍ତେ ଯେଉଁ ସମୟ ପିତା ତାଙ୍କ ନିମନ୍ତେ ନିରୂପଣ କରିଥିଲେ (ଯୋହନ ୨:୪)। ତାଙ୍କ ସେବାକାର୍ଯ୍ୟର ଆରମ୍ଭରେ ସେ ଯିଶାଇୟ ୬୧ ଅଧ୍ୟାୟର ଶକ୍ତିଶାଳୀ ଶାସ୍ତ୍ରାଂଶ ସେ ପଠନ କରିଥିଲେ। ଭାବବାଣୀଯୁକ୍ତ ଏହି ଶାସ୍ତ୍ରାଂଶ ସେ ପାଠ କଲା ପରେ ସେ ଶ୍ରୋତାମାନଙ୍କ ନିକଟରେ ଘୋଷଣା କରି କହିଲେ, "ଆଜି ଧର୍ମଶାସ୍ତ୍ରର ଏହି ବାକ୍ୟ ତୁମ୍ଭମାନଙ୍କର କର୍ଣ୍ଣଗୋଚରରେ ସଫଳ ହେଲା" (ଲୂକ ୪:୨୧)। ତାଙ୍କର ସେବାକାର୍ଯ୍ୟ କରିବା ନିମନ୍ତେ ଈଶ୍ୱର ନିରୂପିତ ସମୟ କ'ଣ ତାହା ସେ ଜାଣିଥିଲେ। ତାଙ୍କର ସମ୍ବାଦ ମଧ୍ୟ ସମୟୋପଯୋଗୀ ଥିଲା, ସମୟୋଚିତ ବାକ୍ୟ ଥିଲା। ସେ ମନ ପରିବର୍ତ୍ତନ କରିବା ପାଇଁ ପ୍ରଥମେ ପ୍ରଚାର କରିଥିଲେ ଓ କହିଥିଲେ, "କାଳ ସମ୍ପୂର୍ଣ୍ଣ ହେଲାଣି, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ; ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର" (ମାର୍କ ୧:୧୫)। ସେ ଏକ ନୂତନ ଯୁଗର ଆରମ୍ଭର ଘୋଷଣା କରିଥିଲେ ଏବଂ ତାଙ୍କର ସମ୍ବାଦରେ ଈଶ୍ୱର ଜଗତରେ ସେ ସମୟରେ ଯାହା କରୁଥିଲେ ତା' ଉପରେ ପର୍ଯ୍ୟବସିତ ଥିଲା ଓ ଜଗତର ଲୋକଙ୍କୁ ତାହା ଆକର୍ଷିତ କରୁଥିଲା। ସେହି ସମୟ ନିମନ୍ତେ ଯାହା ଉପଯୋଗୀ ଥିଲା ସେ ବିଷୟରେ ସେ ପ୍ରଚାର ଓ ଘୋଷଣା କରୁଥିଲେ। ସେ ଜାଣିଥିଲେ ପିତା କେଉଁସବୁ

କାର୍ଯ୍ୟ କରୁଥିଲେ ଓ କରିବାକୁ ଯାଉଥିଲେ ଅର୍ଥାତ୍ ପୃଥିବୀରେ ତାଙ୍କର ସାମ୍ପ୍ରତିକ ଓ ଆଗାମୀ କାର୍ଯ୍ୟସକଳ ବିଷୟରେ ସେ ବାରମ୍ବାର କହିଥିଲେ "ଏପରି ସମୟ ଆସୁଅଛି"। ଲୋକମାନେ ଆତ୍ମା ଓ ସତ୍ୟରେ ଈଶ୍ୱରଙ୍କ ଉପାସନା କରିବା ପ୍ରସଙ୍ଗରେ ସେ ଏହା କହିଥିଲେ (ଯୋହନ ୪:୨୧,୨୩)। ତାହାଙ୍କର ପୁନରୁତ୍ଥାନ ସମ୍ପର୍କରେ ସୂଚନା ଦେବାକୁ ଯାଇ ମଧ୍ୟ ସେ ଏହା କହିଥିଲେ (ଯୋହନ ୫:୨୫)। ଅନ୍ୟ ଏକ ସ୍ଥାନରେ, ସେ ଏକ ଆଗାମୀ ସମୟର କଥା କହୁଥିଲେ ଯେତେବେଳେ ସେ ଶିଷ୍ୟମାନଙ୍କୁ ଉପମା ଦ୍ୱାରା କହିବେ ନାହିଁ, କିନ୍ତୁ ପିତାଙ୍କ ବିଷୟ ସ୍ୱଷ୍ଟରୂପେ ଜଣାଇବେ (ଯୋହନ ୧୬:୨୫) ।

ଏଥିରୁ ଆମେ ଶିକ୍ଷାଲାଭ କରୁ ଯେ ପୃଥିବୀରେ ଈଶ୍ୱରଙ୍କର ବିଶେଷ ପଦକ୍ଷେପ ବା କାର୍ଯ୍ୟ ବା ଯୁଗ ନିମନ୍ତେ ସେ ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିଥାନ୍ତି। ଯୀଶୁ ତାଙ୍କ କ୍ରୁଶାର୍ପଣର ସମୟ ବିଷୟରେ ଜାଣିଥିଲେ, ଏହା ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ନ ଥିଲା। ସେ ଜାଣିଥିଲେ ଯେ ତାଙ୍କ ଶିଷ୍ୟମାନେ ଛିନ୍ନଭିନ୍ନ ହୋଇ ପଳାଇଯିବା ଓ ତାଙ୍କୁ ଏକାକୀ ପରିତ୍ୟାଗ କରିବା (ଯୋହନ ୧୬:୩୨) ଏବଂ ସେ କ୍ରୁଶାର୍ପିତ ହେବାର ସମୟ ଉପସ୍ଥିତ (ଯୋହନ ୧୩:୧; ୧୭:୧)। କ୍ରୁଶାର୍ପଣର ସମୟ ଆସିବାକୁ ଥିବାରୁ ସେ ନିଜ ଜୀବନକୁ ସେଥିପାଇଁ ପ୍ରସ୍ତୁତ କରିଥିଲେ। ବାଇବଲ କହେ, "କେହି ତାହାଙ୍କ ଉପରେ ହାତ ଦେଲେ ନାହିଁ, କାରଣ ତାହାଙ୍କ ସମୟ ସେ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ନ ଥିଲା" (ଯୋହନ ୭:୩୦; ୮:୨୦)। ପ୍ରଭୁଙ୍କ ଜୀବନକୁ ସଂକ୍ଷେପରେ ଦେଖିବା ପରେ ଆମେ ବୁଝିପାରୁ ଯେ ସେ ପିତାଙ୍କର ଯୋଜନା ଓ ସମୟ ପ୍ରତି ସମ୍ପୂର୍ଣ୍ଣ ସଚେତନ ରହି ପୃଥିବୀରେ ଜୀବନଯାପନ କରିଥିଲେ। ତାହାଙ୍କର ଅନୁକରଣ କରିବା ନିମନ୍ତେ ଆମ ନିମନ୍ତେ ଏହା ଏକ ଆହ୍ୱାନ ଅଟେ।

ଆମେମାନେ କିପରି ଆମମାନଙ୍କ ଜୀବନକୁ ଶୃଙ୍ଖଳାବଦ୍ଧ କରୁଛୁ ? ଆମେମାନେ କ'ଣ ପିତାଙ୍କ ସହିତ ତାହାଙ୍କ ପଦକ୍ଷେପରେ ଓ ତାହାଙ୍କ ସମୟ ଅନୁସାରେ ଏବଂ ଆମ ନିମନ୍ତେ ରହିଥିବା ତାଙ୍କ ଯୋଜନାନୁସାରେ ଚାଲିବାକୁ ଚାହୁଁ କି ? ଆମ ମଧ୍ୟରୁ ଅନେକେ ଈଶ୍ୱରଙ୍କୁ ଟପି ଆଗକୁ ଚାଲିଯିବାକୁ ବସିଥାଉ। ପ୍ରଭୁଙ୍କୁ ସାକ୍ଷାତ କରିବାକୁ ଯିବା ଓ ପ୍ରଭୁଙ୍କର ଅପେକ୍ଷା କରିବା– ଏହି ଉଭୟ ବିଷୟକୁ ଆମେ ଶିକ୍ଷା କରିବା ଓ ଅଭ୍ୟାସ କରିବା ଆବଶ୍ୟକ। ବାଇବଲ ଶିକ୍ଷା ଦିଏ ଯେ ଈଶ୍ୱର "ଆପଣା ଅପେକ୍ଷାକାରୀ ପକ୍ଷରେ କାର୍ଯ୍ୟ

ସାଧନ କରନ୍ତି” (ଯିଶାଇୟ ୬୪:୪)। ମୋର କିଶୋର ଅବସ୍ଥାରେ ଈଶ୍ୱର ମୋ ଜୀବନରେ ଯେତେବେଳେ ପ୍ରଥମେ କାର୍ଯ୍ୟ କରିବା ଆରମ୍ଭ କଲେ, ଅନେକ ଥର ମୁଁ ସେବାକାର୍ଯ୍ୟର ବିଭିନ୍ନ କ୍ଷେତ୍ର ଓ ମାର୍ଗ ମଧ୍ୟରେ ଜବରଦସ୍ତ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲି। କିନ୍ତୁ ଈଶ୍ୱର ଦୟାବାନ୍ ହୋଇଥିବାରୁ ଓ ମୁଁ ଏହି ପୁସ୍ତକରେ ଯାହା ଲେଖିଛି ସେ ସମ୍ପର୍କରେ ସେତେବେଳେ ମୁଁ ଜାଣି ନ ଥିବାରୁ, ସେ ମୋତେ ଏସବୁ ବିଷୟ ଜାଣିବାରେ ସାହାଯ୍ୟ କଲେ। ସେସମୟରେ ମଧ୍ୟ, ଈଶ୍ୱର ମୋତେ ଅଲୌକିକ ଭାବରେ ମୋର ପବିତ୍ର ସାହସ ଓ ଉଦ୍‌ଯୋଗକୁ ଆଶୀର୍ବାଦ କରୁଥିଲେ ଯାହା ମୋତେ ଆନନ୍ଦିତ କରୁଥିଲା। ସେହି ଆରମ୍ଭ ସମୟରେ ସୁଦ୍ଧା ଅନେକ ସୁଫଳ ମିଳୁଥିଲା। ବର୍ତ୍ତମାନ ଆମେ ଯେଉଁସବୁ ସତ୍ୟ ବିଷୟରେ ଆଲୋଚନା କରୁଛୁ ତାହା ବୁଝିବା ପରେ ବର୍ତ୍ତମାନ ଈଶ୍ୱରଙ୍କ ସମୟ ସମ୍ପର୍କରେ ଶିକ୍ଷା କରିବା ଏକ ଦାୟିତ୍ୱରେ ପରିଣତ ହୋଇଯାଇଛି। ଆମର ବ୍ୟକ୍ତିଗତ ଜୀବନରେ, ସେବାକାର୍ଯ୍ୟରେ ବା ଆମର ଚାକିରୀ ଓ ବୃତ୍ତିଗତ ଜୀବନରେ ଈଶ୍ୱର ଯଦି ଆମକୁ କିଛି କରିବାକୁ ଚାଳନା ଦେଉଛନ୍ତି ତେବେ ଆମେ ତାଙ୍କର ଯୋଜନା ଓ ସମୟକୁ ଜାଣିବା ଦିଗରେ ଉଦ୍ୟମ କରିବାକୁ ହେବ। ଆମେ ଜାଣିବା ଉଚିତ ଯେ ତାଲିମ ଓ ପ୍ରସ୍ତୁତି ନିମନ୍ତେ ଈଶ୍ୱର ସମୟ ନିରୂପଣ କରିଥାନ୍ତି। ଈଶ୍ୱର ତାଙ୍କର ଯୋଦ୍ଧାମାନଙ୍କ ନିମନ୍ତେ ସେବାକାଳୀନ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି। ବେଳେବେଳେ ଭୟର ବଶବର୍ତ୍ତୀ ହୋଇ ଆମେ ଅନେକ ଘଟଣା, ସ୍ଥାନ ବା ଅନୁଭୂତିରୁ ଦୂରେଇ ରହିବାକୁ ଚାହିଁଥାଉ। କିପରି ଉତ୍ତର ଦେବା ତାକୁ ନେଇ ଆମେ ଭୟ କରିଥାଉ ବା ଅଜଣା ବିଷୟକୁ ନେଇ ଭୟ କରିଥାଉ। କିନ୍ତୁ ଅନେକ ସମୟରେ ଈଶ୍ୱର ଚାହିଁଥାନ୍ତି ଯେ ଆମେ ସେହି ପରିସ୍ଥିତିସବୁର ସମ୍ମୁଖୀନ ହେବାକୁ ହେବ ଯେପରି ତାକୁ ଜୟ କରିବା ସଙ୍ଗେ ସଙ୍ଗେ ଅନେକ ବିଷୟ ଶିକ୍ଷା ଗ୍ରହଣ କରିବା। ଜୀବନର ଏ ସମସ୍ତ ପରିସ୍ଥିତି ବୁଲାଣି ରାସ୍ତା ବା ଅନାବଶ୍ୟକ ବିଳମ୍ବ ବୋଲି ଆମେ ମନେ କରିପାରୁ। କିନ୍ତୁ ଏସବୁ ମାଧ୍ୟମରେ ଈଶ୍ୱର ଆମର ମଙ୍ଗଳ ଜନ୍ମାଇଥାନ୍ତି।

ଯେଉଁମାନେ “ଖଚର ସଦୃଶ” ସେମାନଙ୍କ ପ୍ରତି ଅନେକ ଆଶ୍ଚର୍ଯ୍ୟ ବିଷୟ ଘଟିଥାଏ। ଏହି ଲୋକମାନେ ଦ୍ୱିଧାଗ୍ରସ୍ତ ଥାନ୍ତି ଓ ଅତୀତକୁ ଛାଡ଼ିଦେବାକୁ ଅନିଚ୍ଛୁକ ଥାନ୍ତି। ଯାହା ଜଣା ଓ ପରିଚିତ ତାକୁ ଛାଡ଼ି ପାରି ନ ଥାନ୍ତି ଏବଂ ଈଶ୍ୱରଙ୍କର ନୂତନ ପଦକ୍ଷେପରେ ଅଂଶଗ୍ରହଣ କରିଥାନ୍ତି। ଈଶ୍ୱରଙ୍କର ନୂତନ ପଦକ୍ଷେପ ନୂତନ ଓ ଅପରିଚିତ ଥାଏ ଏବଂ ଈଶ୍ୱର ବର୍ତ୍ତମାନ ଯାହା କରୁଛନ୍ତି ସେଥିରେ ପ୍ରବେଶ କରିବାକୁ ହେଲେ ଆମେ ବିଶ୍ୱାସ ଓ ସାହସ ଆବଶ୍ୟକ କରୁ।

ଈଶ୍ୱର ପୃଥିବୀରେ ଯାହା କରୁଛନ୍ତି ତାହା ଆମେ ଜାଣିବା ନିହାତି ଆବଶ୍ୟକ। ଆମେ ଯେଉଁମାନେ ନେତୃସ୍ଥାନରେ ରହିଛୁ ଆମକୁ ଦିଆଯାଇଥିବା ଲୋକମାନଙ୍କୁ, ଈଶ୍ୱରଙ୍କ ସମୟ ଅନୁସାରେ ଆମ ପାଇଁ ପ୍ରସ୍ତୁତ କ୍ଷେତ୍ର ଓ ମାର୍ଗ ଆଡ଼କୁ କଢ଼ାଇ ନେବା ଆମର ଦାୟିତ୍ୱ।

ଆମେ ପ୍ରାୟଶଃ, ପ୍ରଭୁଙ୍କଠାରୁ କୌଣସି ନା କୌଣସି ଧାରଣା, ଯୋଜନା, କୌଶଳ, ବା ଦର୍ଶନ ପାଇଥାଉ, ଏବଂ ଏହା ଶୀଘ୍ର ସଫଳ ହେଉ ବୋଲି ଚାହିଁଥାଉ ବା ଆମେ ଯାଇ ଏହା ତତ୍‌କ୍ଷଣାତ୍ କରିବାକୁ ଚାହିଁଥାଉ। ମୁଁ ଶିକ୍ଷା କରିଛି ଯେ ଈଶ୍ୱରଙ୍କ ନିକଟରେ ଏକ ଯୋଜନା ଥାଏ, କିନ୍ତୁ ସେହି ଯୋଜନାକୁ ପ୍ରକାଶ ଓ ପୂରଣ କରିବା ପାଇଁ ସେ ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିଥାନ୍ତି। ତାଙ୍କର ଯୋଜନାସବୁକୁ ଓ ଉଦ୍ଦେଶ୍ୟସବୁକୁ ଜାଣିବା ସଙ୍ଗେ ସଙ୍ଗେ ସେସବୁ ସଫଳ ହେବାରେ ତାଙ୍କର ସମୟକୁ ଜାଣିବା ଆମର ଦାୟିତ୍ୱ। ଆମେ ଈଶ୍ୱରଙ୍କ ସଙ୍ଗେ ସୋପାନକ୍ରମେ ଓ ସମୟକ୍ରମେ ଚାଲିବା ଆବଶ୍ୟକ- ଆଗକୁ ନୁହେଁ, ବା ପଛକୁ ନୁହେଁ।

# ୩

# ସମୟ ଓ କାଳକୁ ବୁଝିବା

**"ଇଷାଖର ସନ୍ତାନଗଣ ମଧ୍ୟରୁ ଦୁଇଶ ପ୍ରଧାନ ଲୋକ, ଏମାନେ କାଳଜ୍ଞ, ଇଶ୍ରାଏଲର କି କର୍ତ୍ତବ୍ୟ, ତାହା ଜାଣିଲେ" (୧ବଂଶାବଳୀ ୧୨:୩୨କ)।**

ଏହି ଶାସ୍ତ୍ରାଂଶ ଏକ ନିର୍ଦ୍ଦିଷ୍ଟ ଲୋକଙ୍କ ବିଷୟରେ କହେ ଯେଉଁମାନେ କାର୍ଯ୍ୟ ସାଧନ ପାଇଁ କେଉଁ ସମୟ ଠିକ୍, ଏହା ଜାଣିଥିଲେ। ସେମାନେ ଉପଯୁକ୍ତ ସମୟ କ'ଣ ଜାଣିଥିଲେ। ସମୟ ଓ କାଳକୁ ବୁଝିଲେ ଆମର କର୍ତ୍ତବ୍ୟ କ'ଣ ତାହା ଆମେ ଜାଣିପାରିବା। ଆମର ବ୍ୟକ୍ତିଗତ ଜୀବନରେ ଅନେକ ଘଟଣା ଘଟିଥାଏ ଯେଉଁଥିପାଇଁ ଆମେ ଈଶ୍ୱରଙ୍କ ସମୟ କ'ଣ ତାହା ଖୋଜିବା ଆବଶ୍ୟକ, ଯେପରି- ଏକ ସେବାକାର୍ଯ୍ୟ ଆରମ୍ଭ କରିବା, ବିବାହ, ପେଶା ପରିବର୍ତ୍ତନ, ସୁସମାଚାର କାର୍ଯ୍ୟ ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ବାଛିବା ବା ଏକ ନୂତନ ବ୍ୟବସାୟ ଆରମ୍ଭ କରିବା। ଏଠାରେ ଆମେ କେତେକ 'କାଳ'କୁ ନେଇ ବିଚାର କରିବା ଯାହା ଧର୍ମଶାସ୍ତ୍ରରେ ସୂଚାଇଦିଆଯାଇଛି।

## ଈଶ୍ୱରଙ୍କର ନୂତନ ପଦକ୍ଷେପ ନିମନ୍ତେ ସମୟ

ଆମେ ଆଗରୁ ମଧ୍ୟ କହିଛୁ ଯେ ଈଶ୍ୱର ପୃଥିବୀରେ ଯେଉଁ କାର୍ଯ୍ୟ କରିବାକୁ ପଦକ୍ଷେପ ନେବାକୁ ଓ ଏକ ନୂତନ ଯୁଗର ଆରମ୍ଭ କରିବାକୁ ଚାହିଁଥାନ୍ତି ସେଥିପାଇଁ ସେ ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିଥାନ୍ତି। ଈଶ୍ୱର ବିଶୃଙ୍ଖଳିତ ଭାବରେ କୌଣସି କାର୍ଯ୍ୟ କରି ନ ଥାନ୍ତି। ବରଂ, ତାଙ୍କର ସମୟ ପୂର୍ବ-ନିରୂପିତ ଥାଏ ଏବଂ ତଦନୁସାରେ ସେ ପୃଥିବୀରେ ଯେଉଁ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଚାହିଁଥାନ୍ତି ତାହା ପ୍ରକାଶ କରନ୍ତି। ତେଣୁ ଅନେକ ଥର, ପ୍ରଭୁ ଯୀଶୁ କହୁଥିଲେ "ସମୟ ଆସୁଅଛି"। ଯୀଶୁ ପ୍ରକାଶ କରିଥିଲେ ଯେ ସମୟ ଆସୁଛି ଯେତେବେଳେ ଲୋକମାନେ ଆତ୍ମା ଓ ସତ୍ୟରେ ଈଶ୍ୱରଙ୍କର ଉପାସନା କରିବେ (ଯୋହନ ୪:୨୧,୨୩)। ଆମେ ଏହି ସମୟରେ ବାସ କରୁଛୁ। ସେହିପରି ଈଶ୍ୱରଙ୍କ ପୁତ୍ର ମନୁଷ୍ୟ ଭାବରେ ଜନ୍ମଗ୍ରହଣ କରି ଶୟତାନକୁ ଯେ ପରାଜିତ କରିବେ ଏହା ଇତିହାସର ଈଶ୍ୱର-ନିରୂପିତ ଏକ ନିର୍ଦ୍ଦିଷ୍ଟ ସମୟ ଥିଲା। ଯୀଶୁ ଯେତେବେଳେ ଜାଣିଲେ ଯେ ଏହି ପୂର୍ବ-

ନିରୂପିତ ସମୟ ଉପସ୍ଥିତ ହୋଇଛି, ସେ ଘୋଷଣା କଲେ, "ଏବେ ଏହି ଜଗତର ବିଚାର ଉପସ୍ଥିତ; ଏବେ ଏହି ଜଗତର ଅଧିପତିକୁ ବାହାରେ ପକାଯିବ" (ଯୋହନ ୧୨:୩୧)।

ବର୍ତ୍ତମାନ ଆମେ ଈଶ୍ୱରଙ୍କ ଆତ୍ମାଙ୍କର ପ୍ରଚୁର ବୃଷ୍ଟିର ସମୟରେ ବାସ କରୁଛୁ, ଯାହା ଯୋୟେଲ ୨:୨୮ ଓ ପ୍ରେରିତ ୨:୧୭ରେ କୁହାଯାଏ। "ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା"। ଈଶ୍ୱରଙ୍କ ଆତ୍ମାଙ୍କର ଏହି ବୃଷ୍ଟି ଈଶ୍ୱରଙ୍କ କ୍ୟାଲେଣ୍ଡରର ସମୟ ଅନୁସାରେ "ଶେଷକାଳରେ' ଘଟିବ ବୋଲି ସ୍ଥିରୀକୃତ ହୋଇଥିଲା ଏବଂ ଆମେ ଏହି ଶେଷକାଳରେ ବାସକରୁଛୁ।

ପୃଥିବୀରେ ଈଶ୍ୱରଙ୍କର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆମେ ଅନେକ ବିଷୟ ବୁଝିବା ଆବଶ୍ୟକ।

## କୌଣସି ଏକ ସମୟରେ ପୃଥିବୀରେ ଆତ୍ମାଙ୍କର ଏକାଧିକ ଚଳନ ପ୍ରକାଶ ପାଇପାରେ

ବର୍ତ୍ତମାନ ଆମେ ଯେଉଁ ସମୟରେ ବାସ କରୁ, ଏହା କେବଳ ଆତ୍ମା ଓ ସତ୍ୟରେ ଈଶ୍ୱରଙ୍କର ଉପାସନା କରିବାର ସମୟ ନୁହେଁ, ମାତ୍ର ଆତ୍ମାଙ୍କର ବୃଷ୍ଟି ଲାଭ କରିବାର ସମୟ ମଧ୍ୟ। ଏହା ମଧ୍ୟ ଆମେ ଜାଣିବା ଆବଶ୍ୟକ। ଅନେକ ଲୋକ ଏହି ସତ୍ୟକୁ ନ ଜାଣି ନିଜକୁ ସୀମିତ ରଖିନ୍ତି, ଫଳରେ ପୃଥିବୀରେ ଈଶ୍ୱର ଯେଉଁସବୁ କାର୍ଯ୍ୟ କରିଥାନ୍ତି ସେଥିରୁ ଗୋଟିଏ ବିଷୟରେ ସେମାନଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟ ସାଧିତ ହୋଇଥାଏ। ତା'ପରେ ସେମାନେ ସେମାନଙ୍କ ସୀମିତ ଜ୍ଞାନ ଓ ଦୃଷ୍ଟିକୋଣକୁ ବ୍ୟକ୍ତ କରିଥାନ୍ତି ସତେ ଯେପରି ଈଶ୍ୱର କେବଳ ସେହି ଗୋଟିଏ ବିଷୟ ହିଁ କରୁଛନ୍ତି ଏବଂ ଏହା ନିଶ୍ଚିତରୂପେ ଏକ ଅନିଷ୍ଟକର ମନୋଭାବ। ଖ୍ରୀଷ୍ଟିୟାନ ଭାବରେ ଈଶ୍ୱରଙ୍କର ସମସ୍ତ କାର୍ଯ୍ୟ ପ୍ରତି ଆମେ ଉନ୍ମୁକ୍ତ ରହିବା ଓ ସବୁବିଷୟ ଜାଣିବା ଆବଶ୍ୟକ। ତେଣୁ ଆମମାନଙ୍କ ଜୀବନରେ ଈଶ୍ୱର ଯାହାସବୁ ସାଧନ କରିବାକୁ ଚାହାନ୍ତି ସେସବୁ ପ୍ରତି ଖାପଖୁଆଇ ଯଥୋପଯୁକ୍ତ ଭାବେ ନିଜକୁ ରଖିବା ଉଚିତ। ଈଶ୍ୱର ଯାହାସବୁ କହୁଛନ୍ତି ତା'ର କେତେକ ଉଦାହରଣ ଏଠାରେ ଦିଆଯାଇପାରେ। 'ବାକ୍ୟର ଆନ୍ଦୋଳନ' ବିଷୟରେ ଆମେ ଦେଖୁ ଯେଉଁଠାରେ ବିଶ୍ୱାସ, ସ୍ୱର୍ଗୀୟ ଆରୋଗ୍ୟ, ମୁକ୍ତି, ସମୃଦ୍ଧି, ଇତ୍ୟାଦି ଉପରେ ଗୁରୁତ୍ୱ ଦେଇ ପ୍ରଚାର କରାଯାଉଥିଲା

ଓ ଶିକ୍ଷା ଦିଆଯାଉଥିଲା। ଏହାପରେ ସାରା ପୃଥିବୀରେ ମିଶନ୍ କାର୍ଯ୍ୟ, ମଣ୍ଡଳୀର ବୃଦ୍ଧି, ପ୍ରଶଂସା ଓ ଉପାସନା, ପରିବାର, ସାମାଜିକ/ ରାଜନୈତିକ କାର୍ଯ୍ୟକଳାପ, ଆତ୍ମିକ ଯୁଦ୍ଧ, ଭାବବାଣୀୟ ଓ ପ୍ରେରିତିକ ବିଷୟସବୁ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦେଇ ଶିକ୍ଷା ଦିଆଯାଉଛି। ନିଜକୁ ଉନ୍ମୁକ୍ତ ରଖନ୍ତୁ, ଯାହା ଜଣାଅଛି ସେଥିରୁ ଆଗକୁ ଯାଆନ୍ତୁ, ଏବଂ ଈଶ୍ୱର ଯେଉଁ ବିଭିନ୍ନ ବିଷୟ କରୁଛନ୍ତି ସେସବୁକୁ ଆହରଣ କରନ୍ତୁ। ନିଜକୁ ସୀମିତ ରଖନ୍ତୁ ନାହିଁ, କିଅବା ଆପଣଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟକୁ ସୀମିତ ରଖନ୍ତୁ ନାହିଁ। ଆହୁରି ମଧ୍ୟ କୌଣସି ଜଣେ ବ୍ୟକ୍ତି ଯଦି ଈଶ୍ୱରଙ୍କର ଅନ୍ୟ ଏକ କାର୍ଯ୍ୟ କରୁଛି ଓ ଭିନ୍ନ ଭାଷା କହୁଛି, ତେବେ ତା' ପ୍ରତି ସହନଶୀଳ ହୁଅନ୍ତୁ।

## ଈଶ୍ୱରଙ୍କର ପ୍ରତ୍ୟେକ ଚଳନ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ କରେ

ବର୍ତ୍ତମାନ ସମୟରେ ଆତ୍ମାଙ୍କ ବୃଷ୍ଟିର ଉଦ୍ଦେଶ୍ୟ ସମ୍ପର୍କରେ ଯୀଶୁ ସ୍ପଷ୍ଟରୂପେ ପ୍ରକାଶ କରି କହନ୍ତି, "ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ" (ପ୍ରେରିତ ୧:୮)। ଈଶ୍ୱର ଯେଉଁ କାର୍ଯ୍ୟ କରୁଛନ୍ତି କାହିଁକି ତାହା କରୁଛନ୍ତି ତାହା ଆମେ ଅନୁସନ୍ଧାନ କରି ବୁଝିବା ଆବଶ୍ୟକ। ନଚେତ୍ ଆମେ କେବଳ ବାହ୍ୟିକ ଭାବରେ ସେଥିରେ ସାମିଲ ହୋଇ ଉଦ୍ଦେଶ୍ୟକୁ ହରାଇ ବସିବା। ଈଶ୍ୱରଙ୍କ ଇପ୍‌ସିତ ଉଦ୍ଦେଶ୍ୟସବୁକୁ ପୂରଣ କରିବା ଦିଗରେ ଆମର ଉଦ୍ୟମକୁ ମୂଲ୍ୟାୟନ କରିବା ଦିଗରେ ଏହା ଆମକୁ ସାହାଯ୍ୟ କରିବ।

## ଈଶ୍ୱରଙ୍କର ପ୍ରତ୍ୟେକ ଚଳନ ତାଙ୍କର ଅନ୍ୟ ଚଳନର ପରିପୂରକ

ଈଶ୍ୱରଙ୍କର ବିଭିନ୍ନ ପଦକ୍ଷେପ ପରସ୍ପର ବିରୋଧୀ ନୁହେଁ, କିନ୍ତୁ ଈଶ୍ୱରଙ୍କର ସମସ୍ତ ବିଷୟ ସୁସଂଯୁକ୍ତ ଅଟେ। ଉଦାହରଣ ସ୍ୱରୂପ, ଆତ୍ମାଙ୍କ ବୃଷ୍ଟି ଆମମାନଙ୍କୁ କେବଳ ଯେ ସାକ୍ଷୀ ହେବା ପାଇଁ ସାହାଯ୍ୟ କରିଥାଏ ତା' ନୁହେଁ, ଏହା ମଧ୍ୟ ଆମମାନଙ୍କୁ ଆତ୍ମା ଓ ସତ୍ୟରେ ଈଶ୍ୱରଙ୍କର ଉପାସନା କରିବାକୁ ସାମର୍ଥ୍ୟ ପ୍ରଦାନ କରିଥାଏ। ଆତ୍ମାରେ ଉପାସନା କରିବା ପିତାଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ସଙ୍ଗେ ଶତ୍ରୁ ବିରୁଦ୍ଧରେ ଏକ ଅସ୍ତ୍ର ରୂପେ କାର୍ଯ୍ୟ କରିଥାଏ ଏବଂ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ସୁସମାଚାର ନେଇ ପହଞ୍ଚାଇବାରେ ସାହାଯ୍ୟ କରିଥାଏ। ତେଣୁ ଭିନ୍ନ ପ୍ରକାର କାର୍ଯ୍ୟ କରୁଥିବା ଲୋକମାନଙ୍କର ସଙ୍ଗୀ ହୁଅନ୍ତୁ, ଯଦ୍ଦ୍ୱାରା ଆପଣଙ୍କ ଜୀବନ ଅଧିକ ସମୃଦ୍ଧ ହେବ।

## ଈଶ୍ୱରଙ୍କର ଅତୀତର ଏକ କାର୍ଯ୍ୟକୁ ଅନୁସରଣ କରି ଚାଲିବା ଦ୍ୱାରା ଭୁଲ କରିବା ସମ୍ଭବପର

ଈଶ୍ୱରଙ୍କର ଅତୀତର କାର୍ଯ୍ୟ ଜାଣିବା ଯଦିବା ଗୁରୁତ୍ୱପୂର୍ଣ୍ଣ, ତେବେ ଅତୀତରେ ରହି ବଞ୍ଚିବା ଠିକ୍ ନୁହେଁ। ଇଶ୍ରାଏଲୀୟମାନଙ୍କ ବିଷୟରେ ବିଚାର କଲେ ଆମେ ଦେଖୁ ଯେ ସେମାନେ ପ୍ରତିଜ୍ଞାତ ଦେଶ ଆଡ଼କୁ ଯାତ୍ରା କରୁଥିଲେ। ଅନେକ ଥର ସେମାନେ ନିରୁତ୍ସାହିତ ହୋଇଥିଲେ। ସେମାନେ ଅନେକଥର ଈଶ୍ୱର ଓ ମୋଶାଙ୍କ ବିରୁଦ୍ଧରେ ବଚସା ଓ ଅଭିଯୋଗ କରୁଥିଲେ। ଥରେ ପ୍ରଭୁ ଦାହକ ସର୍ପମାନଙ୍କୁ ପ୍ରେରଣ କଲେ। ସେମାନେ ଶିବିର ମଧ୍ୟରେ ପ୍ରବେଶ କରି ଲୋକମାନଙ୍କୁ କାମୁଡ଼ିଲେ। ଫଳରେ ଅନେକେ ପ୍ରାଣ ହରାଇଲେ। ଲୋକମାନେ ଅନୁତାପ କରିବାରୁ ଈଶ୍ୱର ମୋଶାଙ୍କୁ ନିର୍ଦ୍ଦେଶ ଦେଲେ ଯେପରି ସେ ଏକ ପିତଳ ଦାହକ ସର୍ପ ତିଆରି କରି ଏକ ପତାକା-ଦଣ୍ଡ ଉପରେ ରଖନ୍ତି। "ତହିଁରେ ସର୍ପ କୌଣସି ମନୁଷ୍ୟକୁ ଦଂଶନ କଲେ, ସେ ସେହି ପିତ୍ତଳ ସର୍ପ ପ୍ରତି ଦୃଷ୍ଟି କରନ୍ତେ ବଞ୍ଚିଲା" (ଗଣନା ୨୧:୧-୯)। ତାହା ହିଁ ହୋଇଥିଲା। କେତେ ଶହ ବର୍ଷ ପରେ ଇଶ୍ରାଏଲର ଇତିହାସରେ ଆମେ ଦେଖୁ ଯେ ଇଶ୍ରାଏଲ ଲୋକେ ମୋଶା ବନାଇଥିବା ଏହି ପିତ୍ତଳ ସର୍ପକୁ ଉପାସ୍ୟ ବସ୍ତୁ ଭାବରେ ଗ୍ରହଣ କରି ଏହି ପ୍ରତିମା ଆଗରେ ଧୂପ ଜଳାଇଲେ (୨ରାଜାବଳୀ ୧୮:୪)। ଈଶ୍ୱର ରାଜା ହିଜକିୟଙ୍କୁ ଉଠାଇଲେ ଯେ କି ଈଶ୍ୱରଙ୍କ ଲୋକମାନଙ୍କର ଏହି ଭୟଙ୍କର ଦୁଷ୍ଟ ବୁଦ୍ଧିକୁ ପ୍ରତିହତ କରିବା ନିମନ୍ତେ ସେହି ପିତ୍ତଳ ସର୍ପର ସତ୍ତାକୁ ଲୋପ କରିଦେଲେ। ଆଜି ଆମ ମଧ୍ୟରୁ ଅନେକେ ପ୍ରତିମାପୂଜକମାନଙ୍କର ମାର୍ଗରେ ଈଶ୍ୱରଙ୍କର ଅତୀତର କାର୍ଯ୍ୟକୁ ସ୍ମାରକ ଚିହ୍ନସ୍ୱରୂପେ ଜାବୁଡ଼ି ଧରି ରହୁଛୁ। ଏହା ଭୁଲ ଓ ପ୍ରବଞ୍ଚନା ଆଡ଼କୁ କଢ଼ାଇନିଏ ଓ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରେ।

## ଈଶ୍ୱରଙ୍କର ନୂତନ କାର୍ଯ୍ୟକୁ ଗ୍ରହଣ କରିବାକୁ ଅନିଚ୍ଛୁକ ହେବା ବ୍ୟୟସାପେକ୍ଷ ହୋଇପାରେ

ଅନେକ ସମୟରେ, ଈଶ୍ୱରଙ୍କ କାର୍ଯ୍ୟପ୍ରଣାଳୀ ସହିତ ଓ ସେ ତାଙ୍କର ଉପସ୍ଥିତିକୁ ଯେପରି ଭାବରେ ପ୍ରକାଶ କରନ୍ତି ସେଥିସହିତ ଏପରି ଭାବରେ ଅଭ୍ୟସ୍ତ ହୋଇଯାଇଥାଉ ଯେ ଆମେ ଈଶ୍ୱରଙ୍କ କାର୍ଯ୍ୟ କରିବାର ସେହି ମାର୍ଗକୁ ହିଁ ଅନୁସରଣ କରି ଚାଲିଥାଉ। ବର୍ତ୍ତମାନ ସମୟରେ ଈଶ୍ୱର ଯେଉଁ ନୂତନ ମାର୍ଗରେ କାର୍ଯ୍ୟ କରିବାକୁ ଚାହାନ୍ତି ତା' ପ୍ରତି ଉନ୍ମୁକ୍ତ ହେବାରେ ଆମେ ବିଫଳ ହୋଇଥାଉ। ପୁରାତନ ନିୟମର ମହାନ୍ ନେତା ମୋଶାଙ୍କ

ବିଷୟ ବିଚାର କରିବା। ଥରେ ଈଶ୍ୱର ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଏକ ଶୈଳକୁ ଆଘାତ କଲେ ତହିଁରୁ ଜଳ ନିର୍ଗତ ହେବ। ସେ ତାହା କଲେ, ଫଳରେ ତୃଷାକୁଳ ଇଶ୍ରାଏଲୀୟମାନେ ଜଳ ପାଇଲେ (ଯାତ୍ରାପୁସ୍ତକ ୧୭:୧-୭)। କିଛି ବର୍ଷ ପରେ, ମୋଶା ଅନ୍ୟ ଏକ ସମାନ ପରିସ୍ଥିତିର ସାମ୍ନା କଲେ। ଲୋକମାନେ ଜଳ ଆବଶ୍ୟକ କଲେ। ଏଥରକ ଈଶ୍ୱର ମୋଶାଙ୍କ ନିର୍ଦ୍ଦେଶ ଦେଲେ ଯେ ସେ ଶୈଳକୁ ତାଙ୍କ ଯଷ୍ଟିରେ ଆଘାତ ନ କରି କେବଳ ଆଦେଶ ଦେବେ। ଇଶ୍ରାଏଲୀୟମାନଙ୍କ ଅଭିଯୋଗ ଶୁଣି ଶୁଣି ମୋଶା ଉତ୍କ୍ଷିପ୍ତ ହୋଇ ଯାଇଥିଲେ। ତେଣୁ ସେ ଶୈଳକୁ ଆଦେଶ ନ ଦେଇ ତାଙ୍କ ଯଷ୍ଟିରେ ଆଘାତ କଲେ। ସେ ଦୁଇଥର ଯଷ୍ଟିରେ ଆଘାତ କଲେ (ଗଣନା ୨୦:୧-୧୩)। ଯଦିବା ଜଳ ବାହାରି ଆସିଲା, କିନ୍ତୁ ଅବିଶ୍ୱାସ ଓ ଅବାଧ୍ୟତା ହେତୁ ଈଶ୍ୱର ମୋଶାଙ୍କୁ ଦାୟୀ କଲେ।

ମନେ ହୁଏ ସେହି ସମୟରେ ମୋଶା ପୂର୍ବ ପ୍ରଣାଳୀ ଅବଲମ୍ବନ କଲେ ଯାହା କାର୍ଯ୍ୟ କରିଥିଲା। ଶୈଳକୁ କଥା କହିବା ତାଙ୍କୁ ଅଡୁଆ ଲାଗିଥାଇ ପାରେ। ହୁଏତ ସେ ଭୁଲିଯାଇଥିଲେ ଯେ ତାଙ୍କର ଯଷ୍ଟି ନୁହେଁ ମାତ୍ର ଈଶ୍ୱର ହିଁ ଆଶ୍ଚର୍ଯ୍ୟକର୍ମ କରିଥାନ୍ତି। ଏହି ଅବିଶ୍ୱାସ ଯୋଗୁଁ ମୋଶାଙ୍କୁ ଭୀଷଣ ପରିଣାମ ଭୋଗ କରିବାକୁ ହୋଇଥିଲା। ଈଶ୍ୱର ଯଦି ନୂତନ ମାର୍ଗରେ କାର୍ଯ୍ୟ କରିବାକୁ ଚାହାନ୍ତି ଆମେ କ'ଣ ସେଥିପ୍ରତି ଉନ୍ମୁକ୍ତ ଅଟୁ, ଯଦିବା ପରିଣାମ ଏକା ହୋଇପାରେ ?

## ଦର୍ଶନ ସଫଳ ହେବାର ସମୟ

**ହବ୍‌କକୁକ୍ ୨ : ୨ ,୩**

**୨ ଅନନ୍ତର ସଦାପ୍ରଭୁ ମୋତେ ଉତ୍ତର ଦେଇ କହିଲେ, ଏହି ଦର୍ଶନର କଥା ଲେଖ ଓ ଯେ ପାଠ କରେ, ସେ ଯେପରି ଦୌଡ଼ି ପାରିବ, ଏଥିପାଇଁ ପଟାରେ ସୁସ୍ପଷ୍ଟ କରି ଖୋଳ ।**
**୩ କାରଣ ଏହି ଦର୍ଶନ ଏବେ ହେଁ ନିରୂପିତ କାଳର ଅପେକ୍ଷା ଓ ପରିଣାମର ଆକାଙ୍କ୍ଷା କରେ ଓ ତାହା ମିଥ୍ୟା ହେବ ନାହିଁ; ତାହା ବିଳମ୍ବ ହେଲେ ହେଁ ତହିଁ ପାଇଁ ଅପେକ୍ଷା କର; କାରଣ ତାହା ଅବଶ୍ୟ ଘଟିବ, ବିଳମ୍ବ ହେବ ନାହିଁ ।**

ଆପଣଙ୍କ ହୃଦୟ ଓ ଜୀବନରେ ଈଶ୍ୱର ଯାହା କିଛି କହନ୍ତି ତାହା ସଫଳ ହେବାର ନିରୂପିତ ସମୟ ରହିଥାଏ। ଜଣେ ମହିଳା ଯେପରି ସନ୍ତାନ ଜନ୍ମ କରିଥାଏ ଏହି ପ୍ରକ୍ରିୟା ମଧ୍ୟ ଠିକ୍ ସେପ୍ରକାର। ଯେପରି ଜଣେ ଗର୍ଭଧାରଣ କରିଥାଏ ସେହିପରି ଈଶ୍ୱର ତାଙ୍କ

ସ୍ୱପ୍ନ, ତାଙ୍କର ଧାରଣା, ତାଙ୍କର କୌଶଳ, ତାଙ୍କର ଯୋଜନା ଆପଣଙ୍କ ହୃଦୟରେ ପ୍ରବେଶ କରାନ୍ତି । ଏହାପରେ ସେହି ଯୋଜନା ବିକଶିତ ହେବାକୁ ସମୟ ନିଏ । ସେତେବେଳେ ବ୍ୟକ୍ତିଗତ ଭାବରେ ଆପଣ ଓ ଆନୁସଙ୍ଗିକ ଘଟଣାବଳୀ ଉକ୍ତ ଯୋଜନା ସଙ୍ଗେ ମେଳ ଖୁଆଇଥାନ୍ତି । ଶେଷରେ ପ୍ରସବ ସମୟ ଆସିଥାଏ- ସେହି ଦର୍ଶନ ବାସ୍ତବତାରେ ପରିଣତ ହୋଇଥାଏ । ତେବେ ଆମେ ଜାଣିବା ଆବଶ୍ୟକ ଯେ ଏଥିରେ ଅପେକ୍ଷାର ଏକ ସମୟ ରହିଥାଏ, ସମୟର ଏକ ବ୍ୟବଧାନ ରହିଥାଏ ଯାହା ଦର୍ଶନ ପାଇଥିବା ସମୟରୁ ଆରମ୍ଭ କରି ଦର୍ଶନ ସଫଳ ହେବା ପର୍ଯ୍ୟନ୍ତ ସମୟକୁ ବୁଝାଏ । ଏହି ସମୟ ଅବଧିରେ ଈଶ୍ୱର ଆମକୁ ଦର୍ଶନ ସଫଳ ହେବା ଦିଗରେ ଆବଶ୍ୟକ ଭିତ୍ତିକର୍ମ କରିବା ନିମନ୍ତେ ଆମକୁ ସାମର୍ଥ୍ୟ ପ୍ରଦାନ କରିଥାନ୍ତି । ଦର୍ଶନ ସଫଳ ହେବ ବୋଲି ନିଶ୍ଚିତ ରହି ଆମର ତତ୍କାଳ କାର୍ଯ୍ୟ କ'ଣ ତାହା କରିବା ପାଇଁ ଆମେ ଯତ୍ନଶୀଳ ହେବା ଆବଶ୍ୟକ । ଏହି ଅପେକ୍ଷାର ସମୟରେ ଆମେ ଆବଶ୍ୟକ କରୁଥିବା ବିଭିନ୍ନ ବିଷୟ, ଯଥା: ଲୋକମାନଙ୍କୁ, ସ୍ଥାନଗୁଡ଼ିକ, ଆନୁଷଙ୍ଗିକ ବିଷୟସବୁକୁ ଈଶ୍ୱର ଏକାଠି କରନ୍ତି ଯଦ୍ୱାରା ଦର୍ଶନ ସଫଳ କରିବାକୁ ଆମେ ସମର୍ଥ ହୋଇଥାଉ । ଆମେ ପ୍ରସ୍ତୁତ ହେଲେ ଓ ବିଭିନ୍ନ ବିଷୟ ସଜାଇ ହୋଇ ରହିଲେ, ଉପଯୁକ୍ତ ସମୟ ଉପସ୍ଥିତ ହୁଏ ଅର୍ଥାତ୍ ଦର୍ଶନ ସଫଳ ହେବାର ସମୟ ଆସିଥାଏ ।

## ଫଳ ଉତ୍ପାଦନର ସମୟ

**ଗୀତସଂହିତା ୧ :୩**

**ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ, ଯେ ସ୍ୱସମୟରେ ଫଳ ଉତ୍ପନ୍ନ କରେ, ଯାହାର ପତ୍ର ହିଁ ମଳିନ ହୁଏ ନାହିଁ, ଏପରି ବୃକ୍ଷ ସଦୃଶ ସେ ହେବ ।**

ଋତୁ ଅନୁସାରେ ଫଳ ଫଳିଥାଏ । ଏହା ପ୍ରକାଶ କରେ ଯେ ଆମ ପରିଶ୍ରମର ଫଳ ଫଳିବା ଆମେ ଦେଖି ଆନନ୍ଦ କରିବାର ଏକ ସମୟ ରହିଛି । ଆମମାନଙ୍କ ମଧ୍ୟରୁ ଅନେକେ ଈଶ୍ୱରଙ୍କ ଆହ୍ୱାନ ଅନୁଯାୟୀ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତତ୍ପରତା ପୂର୍ବକ ପରିଶ୍ରମ କରୁଥାଇ ପାରୁ । ତତ୍‌କ୍ଷଣାତ୍ କିଅବା ଆମେ ଆଶା କରୁଥିବା ସମୟରେ ଫଳ ନ ଦେଖି ଆମେ ପ୍ରାୟଶଃ ନିରୁତ୍ସାହିତ ହୋଇ ଯାଇଥାଉ । ଋତୁ ସମୟରେ ଫଳ ନ ଫଳିବା ଆମକୁ ନିଶ୍ଚେ ନିରୁତ୍ସାହିତ କରିବ । ତେବେ ଆମେ ବୁଝିବା ଆବଶ୍ୟକ ଯେ ଫଳ ଉପଯୁକ୍ତ ସମୟରେ ହିଁ ଫଳିଥାଏ । ମୁକୁଳ ଧରିବା, ଫୁଲ ଫୁଟିବା ଓ ଫଳ ଫଳିବା ପ୍ରକ୍ରିୟା ନିମନ୍ତେ

ଯେପରି ନିରୂପିତ ସମୟ ରହିଛି ଆମ ପରିଶ୍ରମର ଫଳ ମଧ୍ୟ ଠିକ୍ ଏହି ପ୍ରକ୍ରିୟାରେ ଫଳିଥାଏ। ଆମେ ପରିଶ୍ରମ କରୁଥିବାବେଳେ ଅମଳକର୍ତ୍ତା ପ୍ରଭୁଙ୍କ ଆଡ଼କୁ ଅନାଇବା କାରଣ ସେ ହିଁ ତାହାଙ୍କ ସମୟରେ ବୃଦ୍ଧି ଦେଇଥାନ୍ତି।

## ପରୀକ୍ଷା ପ୍ରଲୋଭନର ସମୟ

**ଲୂକ ୪:୧୩**
**ଶୟତାନ ସମସ୍ତ ପ୍ରକାର ପରୀକ୍ଷା ସମାପ୍ତ କଲା ଉତ୍ତାରେ କିଛି କାଳ ପର୍ଯ୍ୟନ୍ତ ତାହାଙ୍କୁ ପରିତ୍ୟାଗ କରି ଚାଲିଗଲା ।**

**ଏଫିସୀୟ ୬:୧୩**
**ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହି ପାର, ଏଥିନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜା ଗ୍ରହଣ କର ।**

ଶୟତାନ ମଧ୍ୟ ଉପଯୁକ୍ତ ସମୟ ଦେଖି ବିଶ୍ୱାସୀ ଉପରେ ଆକ୍ରମଣ କରିଥାଏ। ସେ ଉପଯୁକ୍ତ ସମୟରେ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରିଥାଏ। ଏହି ସମୟକୁ ଏଫିସୀ ପୁସ୍ତକରେ "ଦୁର୍ଦ୍ଦିନ" କୁହାଯାଇଛି। ଅନେକ ସମୟରେ କୌଣସି ନା କୌଣସି କାରଣରୁ ଆମେ ପ୍ରଲୋଭନ ପାଇଁ ଉନ୍ମୁକ୍ତ ରହିଥାଉ ଓ ଶତ୍ରୁନିମନ୍ତେ ଦ୍ୱାର ଖୋଲି ଦେଇଥାଉ। ଯୀଶୁ ଏହାକୁ "ପରୀକ୍ଷା ସମୟ" କହନ୍ତି (ଲୂକ ୮:୧୩)। ତେଣୁ ଆମମାନଙ୍କୁ "ସଚେତନ ହୋଇ ଜାଗ୍ରତ" ରହିବାକୁ କୁହାଯାଇଛି (୧ପିତର ୫:୮)। ଆମେ ବୁଝିବା ଆବଶ୍ୟକ ଯେ ମନ୍ଦ ବିଷୟ ଆମକୁ ଆକ୍ରମଣ କରିବାର ନିର୍ଦ୍ଦିଷ୍ଟ ସମୟ ଓ କାଳ ରହିଛି।

ବେଳେବେଳେ ଯୁଦ୍ଧ ଅଧିକ ଭୟଙ୍କର ଓ କଷ୍ଟସାପେକ୍ଷ ହୋଇଥାଏ। ତଥାପି, ଆମେ ଜାଣୁ ଯେ ଆମେ ଦୃଢ଼ ଭାବରେ ଠିଆ ହୋଇ ଶତ୍ରୁର ପ୍ରତ୍ୟେକ କାର୍ଯ୍ୟକୁ ବିଫଳ କରିଦେଇ ପାରିବା। ସାଧାରଣତଃ, ଶୟତାନର ପ୍ରଚଣ୍ଡ ଆକ୍ରମଣ ପ୍ରକାଶ କରିଥାଏ ଯେ ଆମେ ଆମ ଜୀବନରେ ଏକ ବଧ ଧରଣର ବିଜୟ ଓ ଅଗ୍ରଗତି ହାସଲ କରିବାକୁ ଯାଉଛୁ। ଯେଉଁ ସମୟରେ ଅନ୍ୟ ବିଶ୍ୱାସୀମାନେ ପ୍ରତିକୂଳ ପରିସ୍ଥିତି ମଧ୍ୟ ଦେଇ ଗତି କରିଥାନ୍ତି ସେମାନଙ୍କ ପ୍ରତି ସେହି ସମୟରେ ସମ୍ବେଦନଶୀଳ ହେଲେ ଆମେ ସେମାନଙ୍କ ସଙ୍ଗେ ଠିଆ ହୋଇପାରିବା ଏବଂ ସେହି ସମୟରେ ସେମାନଙ୍କୁ ସାହାଯ୍ୟ କରିପାରିବା। ଈଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ସେ "ଦୁର୍ଦ୍ଦଶା ଦିନରେ" (ଗୀତସଂହିତା ୪୧:୧) ଓ "ବିପଦ ସମୟରେ" (ଗୀତସଂହିତା ୩୭:୧୮,୧୯) ଆମକୁ ସାହାଯ୍ୟ କରିବେ।

## ଶସ୍ୟ ଅମଳର ସମୟ

**ପ୍ରେରିତ ୧୬:୬,୭**

**୬ ସେମାନେ ଆସିଆରେ ବାକ୍ୟ ପ୍ରଚାର କରିବାକୁ ପବିତ୍ରଆତ୍ମାଙ୍କ ଦ୍ୱାରା ନିବାରିତ ହୋଇ ଫ୍ରୁଗିଆ ଓ ଗାଲାତୀୟ ଅଞ୍ଚଳ ଦେଇ ଯାତ୍ରା କଲେ,**

**୭ ଆଉ, ସେମାନେ ମୂସିଆ ନିକଟରେ ଉପସ୍ଥିତ ହୋଇ ବୀଥୂନିଆକୁ ଯିବା ପାଇଁ ଚେଷ୍ଟା କଲେ, କିନ୍ତୁ ଯୀଶୁଙ୍କର ଆତ୍ମା ସେମାନଙ୍କୁ ଅନୁମତି ଦେଲେ ନାହିଁ ।**

ଆମ ଈଶ୍ୱର ଶସ୍ୟ ଅମଳର ପ୍ରଭୁ ଅଟନ୍ତି । ଜାତିଗଣ ତାଙ୍କର ଶସ୍ୟ ଅମଳର କ୍ଷେତ୍ର ଅଟନ୍ତି । ସେ ଜାଣନ୍ତି କେଉଁ ସମୟରେ ଶସ୍ୟ କ୍ଷେତ୍ରଗୁଡ଼ିକ ଅମଳ ନିମନ୍ତେ ପ୍ରସ୍ତୁତ ଅଟେ, କାରଣ ସବୁ କ୍ଷେତ୍ରର ଶସ୍ୟ ଏକ ସମୟରେ ପାଚି ନ ଥାଏ । ଏଠାରେ ଆମେ ପାଉଲ ଓ ତାଙ୍କ ସହକର୍ମୀମାନଙ୍କର ଅନୁଭୂତି ବିଷୟରେ ପଢୁ । ସେମାନେ ସୁସମାଚାର ପ୍ରଚାର ନିମନ୍ତେ କୌଣସି ଏକ ଅଞ୍ଚଳକୁ ଯିବାକୁ ଚାହିଁଲେ, କିନ୍ତୁ ପବିତ୍ର ଆତ୍ମା ସେମାନଙ୍କୁ ଅନୁମତି ଦେଲେ ନାହିଁ । କୌଣସି ଅଞ୍ଚଳ ସୁସମାଚାର ନିମନ୍ତେ ପ୍ରସ୍ତୁତ ନ ଥିବାର ଅନେକ କାରଣ ରହିଥାଇପାରେ । ହୁଏତ, ଲୋକମାନେ ପ୍ରଭୁଙ୍କ ବାକ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥାନ୍ତି, ତେଣୁ ସେମାନଙ୍କ ନିମନ୍ତେ ପ୍ରାର୍ଥନା ଓ ନିବେଦନ କରିବା ଆବଶ୍ୟକ ହୋଇଥାଏ । ହୁଏତ, କାର୍ଯ୍ୟକାରୀମାନେ ସେହି ଅଞ୍ଚଳର ଆହ୍ୱାନଗୁଡ଼ିକର ମୁକାବିଲା କରିବା ନିମନ୍ତେ ସୁସଜ୍ଜିତ ନ ଥାନ୍ତି । ହୁଏତ, ପରବର୍ତ୍ତୀ ସମୟରେ ସେଠାରେ କାର୍ଯ୍ୟ କଲେ ପ୍ରଚୁର ଶସ୍ୟ ଅମଳ ସମ୍ଭବ ହୋଇପାରେ । କାରଣ ଯାହା ହେଉ ନା କାହିଁକି, ଈଶ୍ୱରଙ୍କର ଶସ୍ୟ ଅମଳ କ୍ଷେତ୍ରଗୁଡ଼ିକରେ ପ୍ରବେଶ କରିବା ସମୟରେ ସମ୍ବେଦନଶୀଳ ହେବା ଆବଶ୍ୟକ । ପବିତ୍ର ଆତ୍ମାଙ୍କ ଚାଳନାର ଅନୁସରଣ କରିବା ଏବଂ ତାଙ୍କର ପଦକ୍ଷେପରେ ଓ ତାଙ୍କର ସମୟରେ ଚାଲିବା ଆବଶ୍ୟକ ହୋଇଥାଏ ।

## ଈଶ୍ୱରଙ୍କ ଗୃହ ନିର୍ମାଣ କରିବାର ସମୟ

**ହାଗୟ ୧:୧-୪**

**୧ ହାଗୟ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ସଦାପ୍ରଭୁଙ୍କର ଏହି ବାକ୍ୟ ଶଲ୍‌ଟୀୟେଲର ପୁତ୍ର ଯିରୁବ୍ବାବିଲ ନାମକ ଯିହୁଦୀୟ ଦେଶାଧ୍ୟକ୍ଷର ନିକଟରେ ଓ ଯିହୋଷାଦକର ପୁତ୍ର ଯିହୋଶୂୟ ମହାଯାଜକର ନିକଟରେ ଉପସ୍ଥିତ ହେଲା,**

**୨ ସୈନ୍ୟାଧିପତି ସଦାପ୍ରଭୁ ଏହି କଥା କହନ୍ତି, ଏହି ଲୋକମାନେ କହୁଅଛନ୍ତି, ଆମ୍ଭମାନଙ୍କର ଆସିବାର ସମୟ, ସଦାପ୍ରଭୁଙ୍କ ଗୃହ ନିର୍ମିତ ହେବାର ସମୟ ଉପସ୍ଥିତ ହୋଇ ନାହିଁ ।**

୩ ସେତେବେଳେ ହାଗୟ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ସଦାପ୍ରଭୁଙ୍କର ଏହି ବାକ୍ୟ ଉପସ୍ଥିତ ହେଲା,
୪ ଏହି ଗୃହ ଉତ୍ସନ୍ନ ଅବସ୍ଥାରେ ଥାଉ ଥାଉ ତୁମ୍ଭମାନଙ୍କର ନିଜର ଫଳକମଣ୍ଡିତ ଗୃହରେ ବାସ କରିବାର କି ସମୟ ଏହି ?

**ହାଗୟ ୧:୮**

**ତୁମ୍ଭେମାନେ ପର୍ବତକୁ ଯାଇ କାଷ୍ଠ ଆଣ ଓ ଏହି ଗୃହ ନିର୍ମାଣ କର; ତହିଁରେ ଆମ୍ଭେ ତହିଁ ପ୍ରତି ପ୍ରସନ୍ନ ହେବା ଓ ଆମ୍ଭେ ଗୌରବାନ୍ୱିତ ହେବା, ଏହା ସଦାପ୍ରଭୁ କହନ୍ତି ।**

ପୁରାତନ ନିମୟର ଲୋକମାନେ ଈଶ୍ୱରଙ୍କର ସମୟକୁ ଉପେକ୍ଷା କରି ବେଠିକ୍ କାର୍ଯ୍ୟ କରୁଥିଲେ। ସେମାନେ ମନ୍ଦିରର ପୁନଃନିର୍ମାଣ କାର୍ଯ୍ୟ ନ କରି ନିଜ ନିଜର ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ଏହା ସଙ୍ଗେ ତୁଳନା କଲେ ଆମ ସମୟରେ ଈଶ୍ୱରଙ୍କ ମନ୍ଦିରର ପୁନଃନିର୍ମାଣ ଆମେ "ଇଟା ଓ ଗାଡ଼ୁଣି ମସଲା" ସାହାଯ୍ୟରେ ନ କରି "ଜୀବନ୍ତ ପ୍ରସ୍ତର"ରେ କରୁଅଛୁ। ଏହି ମଣ୍ଡଳୀକୁ ଗଢ଼ିବେ ବୋଲି ଯୀଶୁ କହିଥିଲେ ଏବଂ ଏଥିପାଇଁ ବିଭିନ୍ନ ଦାନପ୍ରାପ୍ତ ସାଧୁମାନଙ୍କୁ ସେ ନିଯୁକ୍ତି ଦେଇଥାନ୍ତି (ଏଫିସୀ ୪:୭-୧୧)। ବର୍ତ୍ତମାନ ସମୟରେ ପ୍ରଭୁଙ୍କ ଗୃହକୁ ଗଢ଼ିବାର ଆବଶ୍ୟକତା ସମ୍ପର୍କରେ ଅଧିକରୁ ଅଧିକ ଲୋକ ସଚେତନ ହେଉଛନ୍ତି। ସେମାନଙ୍କର ପାର୍ଥିବ ଗୃହ ଉପରେ ଅଧିକ ଗୁରୁତ୍ୱ ନ ଦେବାକୁ ସେମାନେ ଅଧିକ ଉଚିତ ମନେ କରୁଛନ୍ତି। ସମୟ ଆସୁଛି, ଈଶ୍ୱର ପୁରାତନ ସମୟର ପରି ତାଙ୍କ ଲୋକମାନଙ୍କୁ କହିବେ ସେମାନେ ନିଜ ନିଜ ଗୃହ (ସେମାନଙ୍କର ବ୍ୟକ୍ତିଗତ ବିଳାସବ୍ୟସନ ବା ନିଜର ଖ୍ରୀଷ୍ଟୀୟ ଉଦ୍ୟୋଗସବୁ) ନିର୍ମାଣ କରିବା ବନ୍ଦ କରନ୍ତୁ ଓ ମଣ୍ଡଳୀ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରନ୍ତୁ। ଏହାର ଅର୍ଥ ଆମେ ଆମର ଜୀବନ ଶୈଳୀକୁ ପରିବର୍ତ୍ତନ କରି ତ୍ୟାଗର ଜୀବନ କାଟିବା, ଉଦାରଚିତ୍ତ ଦାନ ଦେବା ଓ ନିର୍ଭୟରେ ଯାଇ କାର୍ଯ୍ୟ କରିବା।

## ନୀରବ ବର୍ଷଗୁଡ଼ିକ

**ଗାଲାତୀୟ ୧:୧୫-୧୮; ୨:୧**

**୧୫** କିନ୍ତୁ ଯେ ମୋହର ମାତାଙ୍କ ଉଦରରୁ ମୋତେ ପୃଥକ୍ କରିଥିଲେ ଓ ଆପଣା ଅନୁଗ୍ରହରେ ମୋତେ ଆହ୍ୱାନ କଲେ,

**୧୬** ସେ ଯେତେବେଳେ ଆପଣା ପୁତ୍ରଙ୍କୁ ମୋଠାରେ ପ୍ରକାଶ କରିବା ନିମନ୍ତେ ସନ୍ତୁଷ୍ଟ ହେଲେ, ଯେପରି ମୁଁ ବିଜାତିମାନଙ୍କ ମଧ୍ୟରେ ତାହାଙ୍କୁ ପ୍ରଚାର କରେ, ସେତେବେଳେ ମୁଁ ମନୁଷ୍ୟ ସହିତ ପରାମର୍ଶ ନ କରି

**୧୭ କିଅବା ମୋ' ପୂର୍ବରେ ନିଯୁକ୍ତ ପ୍ରେରିତମାନଙ୍କ ନିକଟକୁ ଯିରୂଶାଲମକୁ ନ ଯାଇ ସେହିକ୍ଷଣି ଆରବକୁ ବାହାରିଗଲି; ପୁନଶ୍ଚ ମୁଁ ଦମ୍ମେସକକୁ ବାହୁଡ଼ିଆସିଲି ।**

**୧୮ ତାହା ପରେ ତିନି ବର୍ଷ ଉତ୍ତାରେ ମୁଁ କେଫାଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଯିରୂଶାଲମକୁ ଗଲି ଓ ତାଙ୍କ ସହିତ ପନ୍ଦର ଦିନ ରହିଲି ।**

**୨:୧ ତାହା ପରେ ଚଉଦ ବର୍ଷ ଗତ ହୁଅନ୍ତେ ମୁଁ ବର୍ଣ୍ଣବ୍‌ବାଙ୍କ ସହିତ ପୁନଶ୍ଚ ଯିରୂଶାଲମକୁ ଗଲି, ତିତସଙ୍କୁ ମଧ୍ୟ ସାଙ୍ଗରେ ଘେନିଯାଇଥିଲି ।**

ଧର୍ମଶାସ୍ତ୍ରରେ ଆମେ ଦେଖୁ ଯେ ଈଶ୍ୱରଙ୍କ ଲୋକମାନେ- ଯେଉଁମାନଙ୍କୁ ଈଶ୍ୱର ନେତା ଭାବରେ ମନୋନୀତ କରିଥିଲେ, ସେମାନେ ପ୍ରସ୍ତୁତ ହେବାକୁ ଯାଇ ଅନେକ ବର୍ଷ ନୀରବରେ ବିତାଇଛନ୍ତି। ଆମେ ଏହାକୁ ନୀରବ ବର୍ଷଗୁଡ଼ିକ କହୁ କାରଣ ସେମାନେ ଏହି ସମୟରେ କ'ଣ କରୁଥିଲେ ତାହା ଆମେ ଜାଣୁନା। ଈଶ୍ୱର ସେମାନଙ୍କୁ ଯେଉଁ ଉଦ୍ଦେଶ୍ୟରେ ଆହ୍ୱାନ କରିଥିଲେ ସେଥିନିମନ୍ତେ ସେମାନେ ତାଲିମ୍ ନେଉଥିଲେ ଓ ପ୍ରସ୍ତୁତ ହେଉଥିଲେ। ଏହି ନୀରବ ବର୍ଷଗୁଡ଼ିକର ଶେଷରେ ଈଶ୍ୱର ସେମାନଙ୍କୁ, ଗୁରୁତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ଅର୍ପଣ କରୁଥିଲେ। ଏହା ପାଉଲଙ୍କ ଜୀବନରେ ଆମେ ସ୍ପଷ୍ଟରୂପେ ଦେଖିଥାଉ। ସେ ପରିତ୍ରାଣ ପାଇଲେ ଓ ପ୍ରେରିତ ଭାବରେ ଆହ୍ୱାନ ପାଇଲେ। କିନ୍ତୁ ଅନେକ ବର୍ଷ ପରେ ହିଁ ସେ ପ୍ରେରିତ ଭାବରେ ପୂର୍ଣ୍ଣ ଅଭିଷିକ୍ତ ହୋଇ ଯୋଗ ଦେଲେ। ତାଙ୍କର ମନ ପରିବର୍ତ୍ତନ ପରେ ସେ ଆରବରେ ଅନେକ ବର୍ଷ ରହିଲେ। ହୁଏତ ୧୦ ବର୍ଷ ପରେ ସେ ଆନ୍ତିୟଖିଆ ମଣ୍ଡଳୀରେ ଜଣେ ବାଇବଲ ଶିକ୍ଷକରୂପେ ସର୍ବସାଧାରଣ ସେବାକାର୍ଯ୍ୟ ଆରମ୍ଭ କଲେ। ପ୍ରାୟ ତିନି ବର୍ଷ ପରେ, ତାଙ୍କର ପ୍ରେରିତିକ କାର୍ଯ୍ୟ ଆରମ୍ଭ କରିବାକୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଆହ୍ୱାନ ପାଇଲେ (ପ୍ରେରିତ ୧୩:୧-୩)। ଆମମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ମଧ୍ୟ ତାଙ୍କର ସାର୍ବଜନିକ ସେବାକାର୍ଯ୍ୟ ପୂର୍ବରୁ ୩୦ ବର୍ଷ ନୀରବ ବର୍ଷ ଭାବରେ କ୍ଷେପଣ କରିଥିଲେ। ଯୋଷେଫ ୧୩ ବର୍ଷ, ମୋଶା ୪୦ ବର୍ଷ ଅପେକ୍ଷା କରିଥିଲେ। ଅନ୍ୟମାନେ ମଧ୍ୟ ସେହିପରି ଅନେକ ନୀରବ ବର୍ଷ ବିତାଇଥିଲେ। ନୀରବ ବର୍ଷଗୁଡ଼ିକ ନିଷ୍କ୍ରିୟ ହୋଇ ରହିବାର ବର୍ଷ ନୁହେଁ। ବରଂ, ଏହା ପ୍ରସ୍ତୁତିର ସମୟ। ସେତେବେଳେ ଜଣେ ଶିଖିଥାନ୍ତି ଈଶ୍ୱର ତାଙ୍କୁ ଆହ୍ୱାନ କରିବାର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ କ'ଣ। ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକି ଭିନ୍ନ ଭିନ୍ନ ଭାବରେ ପ୍ରସ୍ତୁତ କରିଥାନ୍ତି। ଈଶ୍ୱରଙ୍କ ଟ୍ରେନିଂ ସ୍କୁଲ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ସ୍ୱତନ୍ତ୍ର ହୋଇଥାଏ। ଆମ ମଧ୍ୟରୁ ଅନେକେ ଏବେ ତାଲିମ୍ ଗ୍ରହଣ କରୁଛୁ। ବର୍ତ୍ତମାନ ଆମେ ଯେଉଁ ତାଲିମ୍ ଗ୍ରହଣ କରୁଛୁ ତାହା ସମସ୍ତଙ୍କ ନିମନ୍ତେ ଏକା ଅର୍ଥାତ୍ ମୂଳ ତାଲିମ୍, ଆଗରେ ଯାହା ରହିଛି ସେଥିନିମନ୍ତେ ଏହା ଆମକୁ ପ୍ରସ୍ତୁତ କରେ। ତେଣୁ ବିଶ୍ୱସ୍ତ ଭାବରେ କାର୍ଯ୍ୟ କରନ୍ତୁ, ବିଶେଷ କରି ଶିକ୍ଷା ଗ୍ରହଣ କରିବା, ତାଲିମ୍ ଗ୍ରହଣ କରିବା ଓ ପ୍ରସ୍ତୁତ ହେବାରେ ବିଶ୍ୱସ୍ତ ହୁଅନ୍ତୁ।

# ୪

# ପରିଣାମଦର୍ଶୀ ହୋଇ ଜୀବନକୁ ଶୃଙ୍ଖଳିତ କରିବା

**ଉପଦେଶକ ୮ :୫ଖ, ୬କ**
**୫ଖ ଜ୍ଞାନୀର ମନ ସମୟ ଓ ବିଚାର ଜାଣେ;**
**୬କ କାରଣ ପ୍ରତ୍ୟେକ ଅଭିପ୍ରାୟ ପାଇଁ ସମୟ ଓ ବିଚାର ଅଛି ।**

**ଲୂକ ୧୨ :୫୪-୫୬**
**୫୪ ପୁଣି, ସେ ଲୋକସମୂହକୁ ମଧ୍ୟ କହିଲେ, ପଶ୍ଚିମ ଦିଗରେ ମେଘ ଉଠୁଥିବା ଦେଖିଲେ ସେହିକ୍ଷଣି ତୁମ୍ଭେମାନେ କୁହ, ବର୍ଷା ଆସୁଅଛି, ଆଉ ସେହିପରି ଘଟେ;**
**୫୫ ପୁଣି, ଦକ୍ଷିଣା ପବନ ବହିବା ଦେଖିଲେ ତୁମ୍ଭେମାନେ କୁହ, ବଡ଼ ଖରା ହେବ, ପୁଣି ତାହା ଘଟେ ।**
**୫୬ ରେ କପଟୀମାନେ, ତୁମ୍ଭେମାନେ ପୃଥିବୀ ଓ ଆକାଶର ଲକ୍ଷଣସବୁ ବୁଝି ପାରୁଅଛ, କିନ୍ତୁ ଏହି କାଳର ଲକ୍ଷଣସବୁ କିପରି ବୁଝୁ ନାହଁ ?**

ଜଣେ ଜ୍ଞାନୀ ବ୍ୟକ୍ତି ଯେକୌଣସି କାର୍ଯ୍ୟ ପାଇଁ ଠିକ୍ ସମୟ ଓ ଠିକ୍ କାର୍ଯ୍ୟଧାରା ଜାଣିପାରିଥାଏ। ପ୍ରତ୍ୟେକ ବିଷୟ ଓ କାର୍ଯ୍ୟ, ଯେପରି ସେବାକାର୍ଯ୍ୟ ଆରମ୍ଭ କରିବା, ବିବାହ, ବୃତ୍ତିର ପରିବର୍ତ୍ତନ, ସୁସମାଚାରର ପ୍ରସାର ନିମନ୍ତେ ଅନ୍ୟ ଏକ ସ୍ଥାନ ବାଛିବା ବା ଏକ ନୂତନ ବ୍ୟବସାୟ ଆରମ୍ଭ କରିବା, ଇତ୍ୟାଦି ପାଇଁ ଏକ ଠିକଣା ସମୟ ଓ ଠିକଣା କାର୍ଯ୍ୟଧାରା (ସଠିକ୍ ବିଷୟ କରିବା) ରହିଥାଏ। ଈଶ୍ୱର ଆମକୁ ଜ୍ଞାନୀ ହେବାକୁ ଆହ୍ୱାନ କରିଛନ୍ତି, ଯେପରି କି ଆମେ ସମୟ ଓ ବିଚାର ଜାଣିବା।

ଆମ ଜୀବନରେ ସମୟ ଓ କାଳକୁ ଜାଣିବା (ବ୍ୟକ୍ତିଗତ ବା ସାମୂହିକ ଭାବରେ) ଦ୍ୱାରା ଆମେ ଉପଯୁକ୍ତ କାର୍ଯ୍ୟ କରିବାକୁ ପ୍ରେରିତ ହୋଇଥାଉ। ପାଉଲ ଲେଖନ୍ତି, "ଏବେ ତୁମ୍ଭମାନଙ୍କର ନିଦ୍ରାରୁ ଜାଗ୍ରତ ହେବାର ସମୟ ଯେ ଉପସ୍ଥିତ, ଏହା ଜାଣି ଏହି ସବୁ କର... ରାତ୍ରି ପାହାନ୍ତା ହେଉଅଛି, ଦିବସ ସନ୍ନିକଟ। ଅତଏବ ଆସ, ଆମ୍ଭେମାନେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରୁ.... ଆମ୍ଭେମାନେ ଦିବସର ବିହିତ ଭଦ୍ର ଆଚରଣ କରୁ" (ରୋମୀୟ ୧୩:୧୧-୧୩)। ସମୟକୁ ଜାଣିଥିବାରୁ, ତଦନୁସାରେ ଜୀବନ ଯାପନ କରିବାକୁ ଆମମାନଙ୍କୁ କୁହାଯାଇଛି।

ଯେଉଁମାନେ ପରିଣାମଦର୍ଶୀ ସେମାନେ ସମୟକୁ ବୁଝି ନିଜ ଜୀବନକୁ ଶୃଙ୍ଖଳିତ କରିଥାନ୍ତି। ସେମାନେ "ସମୟୋଚିତ ବାକ୍ୟ" କହିବା ଜାଣନ୍ତି (ହିତୋପଦେଶ ୧୫:୨୩), କାରଣ ସେମାନେ ଈଶ୍ୱରଙ୍କ ସ୍ୱର ଶୁଣିବା ନିମନ୍ତେ ନିଜକୁ ଶୃଙ୍ଖଳିତ କରିଥାନ୍ତି (ଯିଶାଇୟ ୫୦:୪,୫)। ଈଶ୍ୱରଙ୍କ ସେବା କରିବା ବିଷୟରେ ସେମାନେ ସର୍ବଦା ଆଗଭର ହୋଇଥାନ୍ତି। ସେମାନେ "ସମୟରେ କି ଅସମୟରେ" ବାକ୍ୟ ପ୍ରଚାର କରିବା ପାଇଁ ପ୍ରସ୍ତୁତ ଥାନ୍ତି (୨ତୀମଥି ୪:୨)। ଈଶ୍ୱର ସେମାନଙ୍କୁ ଯେ କୌଣସି ସମୟରେ ଆହ୍ୱାନ କରନ୍ତି, କାରଣ ସେମାନେ ଯେଉଁ ସମୟରେ ବାସ କରନ୍ତି ତା'ର ଜରୁରୀ ଆବଶ୍ୟକତା ସମ୍ବନ୍ଧରେ ଅବଗତ ଥାଆନ୍ତି। ତେଣୁକରି ସେମାନେ ସଦାପ୍ରସ୍ତୁତ ରହି ଶୃଙ୍ଖଳିତ ଜୀବନ ଯାପନ କରନ୍ତି। ଏହି ଲୋକମାନେ କେବେହେଲେ ହାର ମାନି ନ ଥାନ୍ତି ଓ ଉତ୍ତମ କର୍ମ କରିବାରେ କେବେ କ୍ଳାନ୍ତ ହୋଇ ନ ଥାନ୍ତି, କାରଣ ସେମାନେ ଜାଣନ୍ତି ଯେ "ଉପଯୁକ୍ତ ସମୟରେ" ସେମାନେ ପୁରସ୍କୃତ ହେବେ (ଗାଲାତୀୟ ୬:୯)। ସେମାନେ ନମ୍ରତା ସହକାରେ ଆଚରଣ କରନ୍ତି। ସେମାନେ ନିଜର ଖ୍ୟାତି ଚାହିଁ ନ ଥାନ୍ତି କି ସେମାନଙ୍କ ଅଧିକାରର ଅପବ୍ୟବହାର କରି ନ ଥାନ୍ତି। ସେମାନେ ମନୁଷ୍ୟର ପ୍ରଶଂସା ଚାହିଁ ନ ଥାନ୍ତି କାରଣ ସେମାନେ ଜାଣନ୍ତି ଯେ ଈଶ୍ୱର "ଯଥା ସମୟରେ" ସେମାନଙ୍କୁ ଉନ୍ନତ କରିବେ (୧ପିତର ୫:୫,୬)। ଆମ ଜୀବନକୁ ଆମେ କିପରି ଶୃଙ୍ଖଳିତ କରୁଛୁ? ଈଶ୍ୱରଙ୍କ ଘଡ଼ି ଅନୁସାରେ, ତାଙ୍କର ସମୟ ଅନୁସାରେ ଓ ତାଙ୍କର ପଦକ୍ଷେପରେ ଚାଲିବା ପାଇଁ ଆମେ ଉଦ୍ୟମ କରୁଛୁ କି? କିଅବା ଆମେ ଅନିୟମିତ ଜୀବନ ଯାପନ କରୁଛୁ, ଅନ୍ୟମାନେ ଯାହା କରୁଛନ୍ତି ତାହା ଦେଖି ବିଭିନ୍ନ ବିଷୟ କରୁଛୁ। ଆସନ୍ତୁ ଆମେ ପରିଣାମଦର୍ଶୀ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିବା-ଆମର ଅଗ୍ରାଧିକାରସବୁକୁ ସୁବ୍ୟବସ୍ଥିତ କରିବା, ଆମର କାର୍ଯ୍ୟନିର୍ଘଣ୍ଟସବୁକୁ ପରିବର୍ତ୍ତନ କରିବା ଏବଂ ଆମର ଜୀବନକୁ ଈଶ୍ୱର ଯେଉଁ ସମୟ ଓ କାଳ ମଧ୍ୟ ଦେଇ ନେଉଛନ୍ତି, ତଦନୁସାରେ ଆମ ଜୀବନ ପରିବର୍ତ୍ତନ କରିବା।

ସମୟକୁ ବାରିବା, ସ୍ଥିତିକୁ ଦେଖି ପାଣିପାଗର ପୂର୍ବାନୁମାନ କରିବା ସଙ୍ଗେ ତୁଳନୀୟ। ତାଙ୍କୁ ଅନୁଗମନ କରୁଥିବା ଜନତାଙ୍କ ଭର୍ତ୍ସନା କରି ଯୀଶୁ ଏହି ତୁଳନା କରିଥିଲେ। ଲୋକମାନେ ଆକାଶରେ ମେଘର ଅବସ୍ଥା ଓ ପବନ କେଉଁ ଦିଗକୁ ବହୁଛି ତାହା ଦେଖି ପାଣିପାଗର ପୂର୍ବାନୁମାନ କରିପାରୁଥିଲେ। କିନ୍ତୁ ସେମାନେ "କାଳର ଲକ୍ଷଣସବୁ" ବୁଝି ପାରୁ ନ ଥିଲେ। ଏହି ଉପଯୋଗୀ ତୁଳନାକୁ ନେଇ ଆମେ କେତେକ ମନ୍ତବ୍ୟ ପ୍ରକାଶ କରିପାରୁ ଯଦ୍ୱାରା ଈଶ୍ୱର ଆମକୁ ଯେଉଁ ସମୟ ଓ କାଳ ମଧ୍ୟ ଦେଇ ନେଉଛନ୍ତି ତାକୁ

ବାରିବା ଓ ତଦନୁସାରେ କାର୍ଯ୍ୟ କରିବାରେ ଏହା ଆମକୁ ସାହାଯ୍ୟ କରିବ। ପର୍ଯ୍ୟବେକ୍ଷଣ କରିବା, ସମୟ ଓ କାଳକୁ ବାରିବାରେ ସାହାଯ୍ୟ କରିଥାଏ।

## ଅନ୍ତରରେ ଈଶ୍ୱରଙ୍କ ଆତ୍ମାଙ୍କର ଚାଳନାକୁ ପର୍ଯ୍ୟବେକ୍ଷଣ କରନ୍ତୁ

ଆପଣଙ୍କ ଅନ୍ତରରେ କାର୍ଯ୍ୟ କରୁଥିବା ସମୟରେ ଈଶ୍ୱର ଆପଣଙ୍କୁ ତାଙ୍କର ଯୋଜନା ଓ ଉଦ୍ଦେଶ୍ୟସବୁକୁ ପ୍ରକାଶ କରିଥାନ୍ତି। ସେ ତାହାଙ୍କ ଆତ୍ମା ଓ ତାଙ୍କର ବାକ୍ୟ ଦ୍ୱାରା ଅନେକ ଦୃଢ଼ ଇଚ୍ଛା, ସ୍ୱପ୍ନ ଓ ଆଶା ଆମ ମଧ୍ୟରେ ଜନ୍ମାଇଥାନ୍ତି। ଏହାଦ୍ୱାରା ଆପଣଙ୍କ ମଧ୍ୟରେ ହଜା ଆତ୍ମାଗୁଡ଼ିକ ନିକଟରେ ପହଞ୍ଚିବା, ତାଙ୍କର ବାକ୍ୟ ଶିକ୍ଷା ଦେବା ଜଣେ ବ୍ୟବସାୟୀ ହେବା, ଇତ୍ୟାଦି ବିଷୟରେ ଏକ ପ୍ରବଳ ଅନୁରାଗ ଜାତ ହେବ। ଏହା ଈଶ୍ୱର ଆପଣଙ୍କୁ ଜଣାଉଛନ୍ତି। ଈଶ୍ୱରଙ୍କର ଏତାଦୃଶ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରନ୍ତୁ।

## ଆପଣଙ୍କ ଜୀବନର ବିଭିନ୍ନ ସ୍ଥିତି ଓ ଘଟଣାକୁ ପର୍ଯ୍ୟବେକ୍ଷଣ କରନ୍ତୁ

ଆପଣଙ୍କର ସମୟସବୁ, ଜୀବନର ଘଟଣାବଳୀ ଈଶ୍ୱରଙ୍କର ହସ୍ତଗତ (ଗୀତସଂହିତା ୩୧:୧୫)। ବିଭିନ୍ନ ବିଷୟ ଯେମିତି ସେମିତି ଘଟି ନ ଥାଏ। ଅନେକ ସମୟରେ ଈଶ୍ୱର ଆପଣଙ୍କ ନିକଟକୁ ଅନେକ ଘଟଣା ଓ ସ୍ଥିତି ଆସିବାକୁ ଦେଇଥାନ୍ତି। ଏସବୁ ମାଧ୍ୟମରେ ସେ ଆପଣଙ୍କୁ କିଛି ନା କିଛି ବିଷୟ ଜଣାଇଥାନ୍ତି। ହୁଏତ ଜଣେ ଈଶ୍ୱରଙ୍କ ଲୋକଙ୍କ ସଙ୍ଗେ ବା ଏକ ବଡ଼ କର୍ପୋରେସନ୍‌ର ସଭାପତିଙ୍କ ସଙ୍ଗେ ଆପଣ ଭେଟିବାକୁ ଈଶ୍ୱର ନିରୂପଣ କରିଥାନ୍ତି। ହୁଏତ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଅଂଶଗ୍ରହଣ କରିବା, କୌଣସି ଏକ ପ୍ରଚାର ଶୁଣିବା, ବା ଆପଣଙ୍କର ଜଣେ ବନ୍ଧୁଙ୍କର କୌଣସି ମନ୍ତବ୍ୟ ଶୁଣିବା, ଇତ୍ୟାଦି ନିମନ୍ତେ ଏକ ସୁଯୋଗ ମିଳିଥାଏ। ଜୀବନର ସାଧାରଣ ଘଟଣାସବୁ ଦ୍ୱାରା ମଧ୍ୟ ଈଶ୍ୱର କଥା କହିଥାନ୍ତି। ସେ କଥା କହୁଛନ୍ତି କି ନାହିଁ ସେଥିପ୍ରତି ସମ୍ବେଦନଶୀଳ ହୁଅ ଏବଂ ସେ ଯାହା କହନ୍ତି ପର୍ଯ୍ୟବେକ୍ଷଣ କରନ୍ତୁ।

## ତୁରନ୍ତ ଘଟୁଥିବା ଘଟଣାବଳୀ ସହିତ ଆପଣଙ୍କ ମଧ୍ୟରେ ଈଶ୍ୱରଙ୍କ ଆତ୍ମାଙ୍କର ଚଳନକୁ ଦେଖି ତଦନୁସାରେ କାର୍ଯ୍ୟ କରନ୍ତୁ

ଆପଣ ଯଦି କୌଣସି ସାହି ବା ଗଳିରେ ଅଛନ୍ତି ଆପଣ ଦେଖନ୍ତି କଳାମେଘ ଘୋଟି ଆସୁଛି ଏବଂ ବର୍ଷା ପଡ଼ିବା ଆରମ୍ଭ ହେଲାଣି, ଆପଣ ବର୍ଷାରେ ଭିଜିବାକୁ ଚାହିଁବେନି।

ଆପଣ ଛତା ଖୋଲିବେ ବା କୌଣସି ସ୍ଥାନରେ ଯାଇ ଆଶ୍ରୟ ନେବେ। ସେହିପରି ଆପଣ ଯଦି ଆତ୍ମାଙ୍କର ଚାଳନା ପ୍ରତି ଏବଂ ଆପଣଙ୍କ ଜୀବନର ବିଭିନ୍ନ ସ୍ଥିତି ପ୍ରତି ସମ୍ବେଦନଶୀଳ ଅଟନ୍ତି, ତେବେ ଆପଣ ଉଭୟ ବିଷୟର ସମ୍ପର୍କକୁ ଦେଖନ୍ତୁ ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

## ଜୀବନର ବିଭିନ୍ନ କାଳ ପ୍ରତି ସମ୍ବେଦନଶୀଳ ରୁହନ୍ତୁ

ପୃଥିବୀର ଯେଉଁ ସ୍ଥାନମାନଙ୍କରେ ଅତ୍ୟଧିକ ତାପମାତ୍ରା ରହିଥାଏ ସେଠାରେ ରହୁଥିବା ଲୋକମାନେ ସେହି ସମୟର ସ୍ଥିତିକୁ ଦେଖି ପୋଷାକ ପରିଚ୍ଛଦ ପିନ୍ଧିଥାନ୍ତି। ଶୀତ ଦିନରେ ଗରମ ପୋଷାକ ଓ ଗ୍ରୀଷ୍ମକାଳରେ ହାଲୁକା ପୋଷାକ ପିନ୍ଧନ୍ତି। ଅନ୍ୟଭାଷାରେ କହିଲେ, ସ୍ଥାନୀୟ ପାଗ ଦେଖି ଆମେ ତଦନୁସାରେ ପୋଷାକ ପିନ୍ଧିଥାଉ। ସେହିପ୍ରକାରେ, ବିଶ୍ୱାସୀଭାବରେ ଆମେମାନେ ଦେଖିବା ଈଶ୍ୱର ଆମକୁ କେଉଁ କାଳ ମଧ୍ୟ ଦେଇ ନେଉଛନ୍ତି ଓ ତଦନୁସାରେ ଆମେ ଆମର ଜୀବନକୁ ଶୃଙ୍ଖଳିତ କରିବା ଆବଶ୍ୟକ।

## ଈଶ୍ୱର ଆପଣଙ୍କୁ ପ୍ରସ୍ତୁତିର କାଳସବୁ ମଧ୍ୟ ଦେଇ କଢ଼ାଇନେବେ

ଆମେ ସମସ୍ତେ ଜାଣୁ ଯେ ଈଶ୍ୱର ଆମକୁ ଯେଉଁ କାର୍ଯ୍ୟ ନିମନ୍ତେ ଆହ୍ୱାନ କରିଛନ୍ତି ସେଥିନିମନ୍ତେ ସେ ଆମକୁ ପ୍ରସ୍ତୁତ କରିଥାନ୍ତି। ତେବେ ଆମେ ବୁଝିବାରେ ଅସମର୍ଥ ହୋଇଥାଉ ଯେ ଏହି ପ୍ରସ୍ତୁତି ଏକକାଳୀନ ନୁହେଁ, ଅର୍ଥାତ୍ ଭିନ୍ନ ଭିନ୍ନ ସମୟରେ ସେ ଆମକୁ ପ୍ରସ୍ତୁତ କରିଥାନ୍ତି। ଉଦାହରଣସ୍ୱରୂପ, ପ୍ରଥମ ପ୍ରସ୍ତୁତି ସମୟରେ ଆପଣ ନୂତନ ଜ୍ଞାନ କୌଶଳ ଓ ଦକ୍ଷତା ସମ୍ପର୍କରେ ଶିକ୍ଷା ଓ ତା'ର ବିକାଶ କରିପାରନ୍ତି। ଆପଣ ମନେ କରିପାରନ୍ତି ଏହି ପ୍ରସ୍ତୁତି ସରିବା ପରେ, ଈଶ୍ୱର ଆପଣଙ୍କୁ ଆପଣଙ୍କ ହୃଦୟରେ ଥିବା ସ୍ୱପ୍ନ ଓ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ମୁକ୍ତ କରିଦେବେ। ହୁଏତ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ ଯେ ଏହି ପ୍ରସ୍ତୁତିର ସମୟ ଗତ ହେବା ପରେ, ଆପଣଙ୍କ ହୃଦୟର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ଅଗ୍ରସର ହେବା ପରିବର୍ତ୍ତେ ଈଶ୍ୱର ଆପଣଙ୍କୁ ଅନ୍ୟ ଏକ ପ୍ରସ୍ତୁତିର ସମୟ ମଧ୍ୟ ଦେଇ ନିଅନ୍ତି ଯହିଁରେ ଆପଣଙ୍କୁ ଜୀବନର ଅନ୍ୟ ଏକ ଦିଗ ଶିକ୍ଷା କରିବାକୁ ହୋଇଥାଏ। ହୁଏତ ଏହି ସମୟରେ ସେ ଆପଣଙ୍କ ହୃଦୟର ଅନେକ ବିଷୟକୁ ନେଇ କାରବାର କରିଥାନ୍ତି। ଏହାଦ୍ୱାରା ଆପଣଙ୍କ ଚରିତ୍ର ଓ ଶୃଙ୍ଖଳା ବିକଶିତ ଓ ସବଳ ହୋଇଥାଏ।

## ପ୍ରତ୍ୟେକ କାଳ ପରବର୍ତ୍ତୀ କାଳ ନିମନ୍ତେ ଆପଣଙ୍କୁ ପ୍ରସ୍ତୁତ କରେ

ଈଶ୍ୱର ଆପଣଙ୍କୁ ଯେଉଁସବୁ କାଳ ମଧ୍ୟ ଦେଇ ନିଅନ୍ତି ସେସବୁ ଭିନ୍ନ ଭିନ୍ନ ଅବଧିର ହୋଇ ନ ଥାଏ ଯଦ୍ଦ୍ୱାରା ଆପଣ ଏହାକୁ ଭୁଲିଯାଇ ପାରନ୍ତି। ପ୍ରତ୍ୟେକ କାଳ ପୂର୍ବବର୍ତ୍ତୀ କାଳ ଉପରେ ପର୍ଯ୍ୟବସିତ ଥାଏ। ଏହି କାଳରେ ଆପଣ ଯାହା ଶିକ୍ଷା କରନ୍ତି ତାହା ପରବର୍ତ୍ତୀ ବା ଭବିଷ୍ୟତ କାଳର ଆହ୍ୱାନସବୁ ନିମନ୍ତେ ଆପଣଙ୍କୁ ପ୍ରସ୍ତୁତ କରିଥାଏ। ତେଣୁ ଜୀବନର ପ୍ରତ୍ୟେକ କାଳ ଗୁରୁତ୍ୱପୂର୍ଣ୍ଣ ଅଟେ।

## କାଳ ବଦଳିଲେ ନିଜେ ବଦଳିବାକୁ ଇଚ୍ଛୁକ ରୁହନ୍ତୁ

କାଳ ବଦଳିଲେ ଓ ଜୀବନ ପରିବର୍ତ୍ତନ କାଳ ମଧ୍ୟ ଦେଇ ଗତି କଲେ, ପରିବର୍ତ୍ତିତ ହେବା ଆବଶ୍ୟକ ହୋଇ ପଡ଼ିଥାଏ। ଉଦାହରଣସ୍ୱରୂପ, ବର୍ତ୍ତମାନ କାଳରେ ଆପଣ କୌଣସି ସ୍ଥାନରେ ବାସ କରୁଛନ୍ତି ଏବଂ ସେଠାରେ ଆପଣଙ୍କର ଅନେକ ବନ୍ଧୁ ଅଛନ୍ତି ଓ ଆପଣ ଅନେକ କାର୍ଯ୍ୟ କଳାପରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଯଦି ଈଶ୍ୱର ଏହି କାଳକୁ ପରିବର୍ତ୍ତନ କରିବାକୁ ଯାଇ ଆପଣଙ୍କୁ ଏକ ନୂତନ ସ୍ଥାନକୁ ଯିବାକୁ ଦିଅନ୍ତି, ନୂତନ ବନ୍ଧୁମାନଙ୍କୁ ଲାଭ କରିବାକୁ ଏବଂ ସମ୍ପୂର୍ଣ୍ଣ ଏକ ନୂତନ କାର୍ଯ୍ୟରେ ଭାଗୀଦାର ଦେବାକୁ କହିପାରନ୍ତି। ତଥାପି ଅନେକଙ୍କ ନିମନ୍ତେ ଏହା କଷ୍ଟକର ମନେ ହୋଇପାରେ, କାରଣ ସେମାନେ ଏବେ ଯେଉଁ ଜଣାଶୁଣା ପରିସ୍ଥିତି ମଧ୍ୟରେ ଅଛନ୍ତି ତାହା ସେମାନଙ୍କୁ ଆରାମଦାୟକ ମନେ ହୁଏ ଏବଂ ଅଜଣାସ୍ଥାନ ଇତ୍ୟାଦିକୁ ସେମାନେ ଭୟ କରନ୍ତି। ବର୍ତ୍ତମାନ ଯେଉଁ ପରିସ୍ଥିତିରେ ଅଛନ୍ତି ସେଠାରୁ ବାହାରିଯାଇ ଈଶ୍ୱର ଭବିଷ୍ୟତ ନିମନ୍ତେ ଆପଣଙ୍କୁ ଯେଉଁଠାକୁ ନେବା ପାଇଁ ଚାହାନ୍ତି ସେଠାକୁ ଯିବାପାଇଁ ଇଚ୍ଛୁକ ରୁହନ୍ତୁ।

## ଦୂରଦୃଷ୍ଟିସମ୍ପନ୍ନ ହୁଅନ୍ତୁ ଓ ପରବର୍ତ୍ତୀକାଳ ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ

ବେଳେବେଳେ ଆପଣ ଜାଣିଥାନ୍ତି ଯେ ଜୀବନର କାଳ କେବେ ନା କେବେ ପରିବର୍ତ୍ତିତ ହେବ। ଉଦାହରଣସ୍ୱରୂପ, ଆପଣ ଏବେ ଅବିବାହିତ ଅଛନ୍ତି ଓ କିଛି ମାସ ପରେ ବିବାହ କରିବେ। ଆପଣ ଯେହେତୁ ଜାଣନ୍ତି ଯେ ଖୁବ୍ ଶୀଘ୍ର ଏହି ପରିବର୍ତ୍ତନ ସଂଗଠିତ ହେବାକୁ ଯାଉଛି, ଆପଣ ଏଥିପାଇଁ ଯେତେଦୂର ପାରିବେ ଯୋଜନା କରି ନିଜକୁ ପ୍ରସ୍ତୁତ କରନ୍ତୁ। ଏପରି ପରିବର୍ତ୍ତନ ଆପଣଙ୍କ ଅଜାଣତରେ ହଠାତ୍ ଆସିବା ଅନୁଚିତ। ଯେଉଁ ସମସ୍ତ ବିଷୟ ଏହି ପରିବର୍ତ୍ତନକୁ ପ୍ରଭାବିତ କରେ ଚିନ୍ତା କରନ୍ତୁ ଓ ନିଜକୁ ସୁପ୍ରସ୍ତୁତ କରନ୍ତୁ।

## ଆପଣ ଯେଉଁ କାଳରେ ଅଛନ୍ତି ତା'କୁ ଉପଭୋଗ କରନ୍ତୁ

ପ୍ରତ୍ୟେକ କାଳକୁ ଉପଭୋଗ କରିବା ଶିଖନ୍ତୁ। ପ୍ରତ୍ୟେକ କାଳ ଅନ୍ୟ କାଳଠାରୁ ସୁଖକର ହୋଇ ନ ପାରେ। ତଥାପି ଆପଣ ତାହା ଉପଭୋଗ କରିବାକୁ ଶିଖିବା ଉଚିତ କାରଣ ପ୍ରତ୍ୟେକ କାଳର ମୂଲ୍ୟ ରହିଛି।

## ଉପଯୁକ୍ତ ସମୟ କେତେବେଳେ ଆସିଥାଏ ?

ଉପଯୁକ୍ତ ସମୟ କହିଲେ ଆମ ଜୀବନର କେତେକ ଘଟଣାବଳୀ ସୁସଂଯୁକ୍ତ ହେବା, ଯାହା ଏପରି ସମୟକୁ ଉତ୍ପନ୍ନ କରିଥାଏ। ବ୍ୟକ୍ତିଗତ କ୍ଷେତ୍ରରେ ଉପଯୁକ୍ତ ସମୟ ଈଶ୍ୱରଙ୍କ ଅପେକ୍ଷା ଆମ ଉପରେ ଅଧିକ ନିର୍ଭର କରିଥାଏ। ଉଦାହରଣ ସ୍ୱରୂପ, ଆପଣଙ୍କର ବ୍ୟବସାୟ ବା ସେବାକାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଆପଣ ଏକ ଉପଯୁକ୍ତ ସମୟର ଅପେକ୍ଷାରେ ଥାଆନ୍ତି। ଯଦି ଜଣେ ବ୍ୟକ୍ତି ତା'ର ସେବାକାର୍ଯ୍ୟ ଆରମ୍ଭ କରିବା ପାଇଁ ଅପେକ୍ଷା କରିଛି, ତା' ହେଲେ ସେ ଯେତେବେଳେ ପ୍ରସ୍ତୁତ ଅଟେ ବୋଲି ଈଶ୍ୱର ଦେଖିବେ ସେତେବେଳେ ହିଁ ଉପଯୁକ୍ତ ସମୟ ଆସିବ। କିନ୍ତୁ ଏହି ପ୍ରସ୍ତୁତି ନିର୍ଭର କରେ ସେ କିପରି ତା' ଜୀବନରେ ଈଶ୍ୱରଙ୍କର କାର୍ଯ୍ୟସବୁର ଉତ୍ତର ଦେଉଛି। ଯେ ଯାଏଁ ତାଠାରେ ବାଞ୍ଛିତ ଚରିତ୍ର, ପବିତ୍ର ଅଭିପ୍ରାୟ, ଯଥାର୍ଥ ମନୋଭାବ ଓ ସେବକତୁଲ୍ୟ ହୃଦୟ ବିକଶିତ ନ ହୋଇଛି ଈଶ୍ୱର ଅପେକ୍ଷା କରି ରହିବେ। ଈଶ୍ୱର ଯେତେବେଳେ ତା' ଠାରେ ଏସବୁର ପରିପକ୍ୱତା ଆସିବା ଦେଖିବେ, ସେତେବେଳେ ହିଁ ସେବାକାର୍ଯ୍ୟ ଆରମ୍ଭ କରିବାର ଉପଯୁକ୍ତ ସମୟ ଉପସ୍ଥିତ ହେବ। ତା' ନ ହେଲେ, ଈଶ୍ୱର ଯେତେ ଦିନ ହେଲେ ମଧ୍ୟ ଅପେକ୍ଷା କରି ରହିଥିବେ। ଈଶ୍ୱର କେବେ ତରବର ହୁଅନ୍ତି ନାହିଁ।

## ଜୀବନକୁ ଶୃଙ୍ଖଳିତ କରିବା

୧. ଅନ୍ତରରେ ଈଶ୍ୱରଙ୍କ ଆତ୍ମାଙ୍କର ଚାଳନାକୁ ପର୍ଯ୍ୟବେକ୍ଷଣ କରନ୍ତୁ ।

୨. ଆପଣଙ୍କ ଜୀବନର ବିଭିନ୍ନ ସ୍ଥିତି ଓ ଘଟଣାକୁ ପର୍ଯ୍ୟବେକ୍ଷଣ କରନ୍ତୁ ।

୩. ତୁରନ୍ତ ଘଟୁଥିବା ଘଟଣାବଳୀ ସହିତ ଆପଣଙ୍କ ମଧ୍ୟରେ ଈଶ୍ୱରଙ୍କ ଆତ୍ମାଙ୍କର ଚଳନକୁ ଦେଖି ତଦନୁସାରେ କାର୍ଯ୍ୟ କରନ୍ତୁ ।

୪. ଜୀବନର ବିଭିନ୍ନ କାଳ ପ୍ରତି ସମ୍ବେଦନଶୀଳ ରୁହନ୍ତୁ ।

୫. ଈଶ୍ୱର ଆପଣଙ୍କୁ ପ୍ରସ୍ତୁତିର କାଳସବୁ ମଧ୍ୟ ଦେଇ କଢ଼ାଇ ନେବେ ।

୬. ପ୍ରତ୍ୟେକ କାଳ ପରବର୍ତ୍ତୀ କାଳ ନିମନ୍ତେ ଆପଣଙ୍କୁ ପ୍ରସ୍ତୁତ କରେ ।

୭. କାଳ ବଦଳିଲେ ନିଜେ ବଦଳିବାକୁ ଇଚ୍ଛୁକ ରୁହନ୍ତୁ ।

୮. ଦୂରଦୃଷ୍ଟି ସମ୍ପନ୍ନ ହୁଅନ୍ତୁ ଓ ପରବର୍ତ୍ତୀ କାଳ ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ ।

୯. ଆପଣ ଯେଉଁ କାଳରେ ଅଛନ୍ତି ତା'କୁ ଉପଭୋଗ କରନ୍ତୁ ।

# ୫

# ସମୟର ପୁନଃସ୍ଥାପନ

**ଯୋୟେଲ ୨:୨୫**
**ଆଉ, ପଙ୍ଗପାଳ, ପତଙ୍ଗ,ଘୁର୍ଘୁରିୟା ଓ ଶୁକକୀଟ ଯେଉଁ ବର୍ଷର ଶସ୍ୟାଦି ଖାଇଅଛନ୍ତି, ତାହା ଆମ୍ଭେ ତୁମ୍ଭମାନଙ୍କୁ ଫେରାଇ ଦେବା ।**

**ଗୀତସଂହିତା ୧୦୩:୫**
**ସେ ଉତ୍ତମ ବସ୍ତୁରେ ତୁମ୍ଭର ମୁଖ ତୃପ୍ତ କରନ୍ତି; ତହୁଁ ଉତ୍କ୍ରୋଶ ପକ୍ଷୀ ନ୍ୟାୟ ତୁମ୍ଭର ନୂତନ ଯୌବନ ହୁଏ ।**

**୨ପିତର ୩:୮**
**କିନ୍ତୁ ହେ ପ୍ରିୟମାନେ, ପ୍ରଭୁଙ୍କ ନିକଟରେ ଗୋଟିଏ ଦିନ ଯେ ସହସ୍ର ବର୍ଷ ତୁଲ୍ୟ ଓ ସହସ୍ର ବର୍ଷ ଯେ ଗୋଟିଏ ଦିନ ତୁଲ୍ୟ, ଏହି ବିଶେଷ ବିଷୟ ତୁମ୍ଭେମାନେ ଭୁଲିଯାଅ ନାହିଁ ।**

ଶେଷରେ ଆମେ ସମୟର ପୁନଃସ୍ଥାପନ ସମ୍ପର୍କରେ କିଛି କହିବା । ଆମେ ଯେଉଁ ସମୟରେ ବାସ କରୁ, ତାହା ବାଇବଲ ପଣ୍ଡିତମାନେ ବିଶ୍ୱାସ କରନ୍ତି ଯେ ଏହା ପୁନଃସ୍ଥାପନର ସମୟ ଅଟେ, ଯାହା ପ୍ରେରିତ ୩:୧୯-୨୧ରେ କୁହଯାଏ । ଏହା ଏବେ ମଣ୍ଡଳୀରେ ସଫଳ ହେଉଛି, କାରଣ ଏହା ମହାଶକ୍ତି ଓ ମହାଗୌରବରେ ପୁନଃସ୍ଥାପିତ ହେଉଛି । ତେବେ ଧର୍ମଶାସ୍ତ୍ରରେ ଆମେ ଦେଖୁ ଯେ ଈଶ୍ୱର ଯେତେବେଳେ ପୁନଃସ୍ଥାପିତ କରନ୍ତି, ସେ ମଧ୍ୟ ବୃଦ୍ଧି ଦିଅନ୍ତି (ଆୟୁବ ୪୨:୧୦) । ଈଶ୍ୱର ପୁନଃସ୍ଥାପିତ କଲେ ପୂର୍ବାପେକ୍ଷା ଅଧିକ ଉତ୍ତମ ଓ ଶ୍ରେଷ୍ଠ ଅବସ୍ଥା ପ୍ରାପ୍ତ ହୋଇଥାଏ । ସମୟ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ସମୟ ଈଶ୍ୱରଙ୍କୁ ନିୟନ୍ତ୍ରଣ କରେ ନାହିଁ, ମାତ୍ର ଈଶ୍ୱର ସମୟକୁ ନିୟନ୍ତ୍ରଣ କରନ୍ତି । ଈଶ୍ୱରଙ୍କ ଘଡ଼ିର ସମୟ ଆମ ସମୟଠାରୁ ଭିନ୍ନ ଅଟେ । ଆମ ମଧ୍ୟରୁ ଅନେକଙ୍କ ଜୀବନକୁ ପଙ୍ଗପାଳ କ୍ଷତିଗ୍ରସ୍ତ କରିଦେଇଥାଇ ପାରେ । ଏହି ପରିପ୍ରେକ୍ଷୀରେ ପଙ୍ଗପାଳ ଅପଚୟ, ବିନାଶ ଓ ଫଳଶୂନ୍ୟତାର ନିଦର୍ଶନ । ଈଶ୍ୱର ଏହି ଅପଚୟର ବର୍ଷଗୁଡ଼ିକୁ (ସମୟକୁ) ପୁନଃସ୍ଥାପିତ କରିବା ପାଇଁ ସକ୍ଷମ ଅଟନ୍ତି, ଅପଚୟର କାରଣ ଯାହା ହେଉନା କାହିଁକି । ଆମେ ହଜାରେ ବର୍ଷରେ ସୁଦ୍ଧା ନିଜ ଚେଷ୍ଟାରେ ଯାହା କରିପାରିବା ନାହିଁ ସେ ତାଙ୍କର ଆତ୍ମାଙ୍କ ଦ୍ୱାରା

ଗୋଟିଏ ବର୍ଷରେ ତାହା କରିବାକୁ ଆମକୁ ସକ୍ଷମ କରିବେ। ଆମେ ଯେଉଁ ସମୟସବୁ ଅପଚୟ କରିଛୁ, ନଷ୍ଟ କରିଦେଇଛୁ ତାର ପୁନଃସ୍ଥାପନ ନିମନ୍ତେ ଆମେ ଈଶ୍ୱରଙ୍କ ଆଡ଼କୁ ଅନାଇବା।

ଈଶ୍ୱର ପୁନଃସ୍ଥାପନ କରିବାକୁ ସକ୍ଷମ। ଈଶ୍ୱର ଯେତେବେଳେ ପୁନଃସ୍ଥାପିତ କରନ୍ତି, ସେ ମଧ୍ୟ ବୃଦ୍ଧି ଦିଅନ୍ତି। ସମୟ ଈଶ୍ୱରଙ୍କୁ ନିୟନ୍ତ୍ରଣ କରେ ନାହିଁ ମାତ୍ର ଈଶ୍ୱର ସମୟକୁ ନିୟନ୍ତ୍ରଣ କରନ୍ତି।

## ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆସ୍ମମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them
Open Heavens
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**


ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

## ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




**ଏଥିରେ ଥିବା ସୁବିଧାଗୁଡ଼ିକ:**

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block HRBR Layout, Kalyan Nagar, Bangalore |
| Branch Name: R.T Nagar Branch, Bangalore | 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the Nations Association for Theological Accreditation (NATA)

ଆପଣ କ'ଣ କେବେ ଚିନ୍ତା କରିଛନ୍ତି କି ଯେ ଈଶ୍ୱରଙ୍କ ନିକଟରେ ଏକ ଘଡ଼ି ରହିଛି ଯାହା ଜଗତର ସୃଷ୍ଟିରୁ କାର୍ଯ୍ୟ କରୁଛି କିଅବା ଅନାଦିକାଳରୁ କାର୍ଯ୍ୟ କରୁଛି, ଅର୍ଥାତ୍ ଏକ ଅଜ୍ଞାତ ସମୟରୁ କାର୍ଯ୍ୟ କରି ଆସୁଛି ? ଆପଣ କ'ଣ ଜାଣନ୍ତି ଯେ ଆମ ପ୍ରତ୍ୟେକଙ୍କ ଜୀବନ ନିମନ୍ତେ ସେ ଗୋଟିଏ ଲେଖାଏଁ ଘଡ଼ି ବ୍ୟବହାର କରନ୍ତି ? କେବଳ ଆପଣଙ୍କ ହାତ ଘଡ଼ି ବା କାନ୍ଥ ଘଡ଼ି ଅନୁସାରେ ନିଜକୁ ପରିଚାଳିତ ନ କରି ଈଶ୍ୱରଙ୍କ ଘଡ଼ି ଅନୁସାରେ ନିଜକୁ ଶୃଙ୍ଖଳିତ କରିବା ବିଷୟରେ ଆପଣ କେବେ ଚେଷ୍ଟା କରିଛନ୍ତି ବା ଇଚ୍ଛା ପ୍ରକାଶ କରିଛନ୍ତି କି ? ଈଶ୍ୱରଙ୍କର ସମୟ ଅନୁସାରେ କାର୍ଯ୍ୟ କରିବା ବା ଯେ କୌଣସି ସମୟରେ ତାଙ୍କର ଅଭିମତ ଅନୁସାରେ କାର୍ଯ୍ୟ କରିବା ଆପଣଙ୍କ ଜୀବନ ନିମନ୍ତେ କେତେ ଗୁରୁତ୍ୱପୂର୍ଣ୍ଣ ? ଏବଂ, ଏକ ନିରୂପିତ ସମୟରେ ସେ ଯେପରି ଚାହାନ୍ତି ସେପରି ଜଣେ ବ୍ୟକ୍ତି ହେବା ଆପଣଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ?

ଏସମସ୍ତ ଆହ୍ୱାନକାରୀ ପ୍ରଶ୍ନ ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଈଶ୍ୱରଙ୍କ ଘଡ଼ି ଅନୁସାରେ ଆମମାନଙ୍କ ଜୀବନକୁ ଶୃଙ୍ଖଳିତ କରିବା ବିଷୟ ଆମେ ଶିଖିବା ଓ ତଦନୁସାରେ ନିଜକୁ ସଜାଡ଼ିବା ଆବଶ୍ୟକ । ଏହି ପୁସ୍ତକ ସାହାଯ୍ୟ କରିବ କିପରି ଆମେ ବ୍ୟକ୍ତିଗତ ଭାବରେ ଆମମାନଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ସମୟକୁ ଜାଣିବା ଓ ବୁଝିପାରିବା ।

ଆଶିଷ୍ ରାଇଚୁର୍